Weekly Multilingual

# ଭଏସ୍ ଅଫ୍ ଭିକ୍ଟିମ୍ସ

Voice of Victims

Pages-8 ODIMUL00867 Rs - 5.00

ଭାଗ:୧, ସଂଖ୍ୟା: ୪୧, ଭୁବନେଶ୍ୱର, ଅଗଷ୍ଟ ୨୬- ସେପ୍ଟେମ୍ବର ୦୧, ୨୦୨୪, Vol: 1, Issue: 41, Bhubaneswar, August 26- September 01, 2024

## ଇଡି ଓ ଚିକିଟି ମଦ ମୃତ୍ୟୁକୁ ନେଇ ବିଧାନସଭାରେ ପ୍ରବଳ ହଟ୍ଟଗୋଳ

ଭୁବନେଶ୍ୱର, : ଚଳିତ ବିଧାନସଭା ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟର ତୃତୀୟ ଦିବସରେ ମଧ୍ୟ ପ୍ରଥମାର୍ଦ୍ଧରେ ବିରୋଧୀ ଦଳର ବିଧାୟକ ମାନେ ପ୍ରବଳ ହଟ୍ଟଗୋଳ କରିଥିବାକୁ କୌଣସି କାର୍ଯକ୍ରମ ହୋଇ ପାରି ନାହିଁ । ବିଜେଡି ଦଳର ବିଧାୟକ ମାନେ ମଦ ମୃତ୍ୟୁକୁ ନେଇ ହଟ୍ଟଗୋଳ କରିଥିବା ବେଳେ କଂଗ୍ରେସ ଦଳର ବିଧାୟକ ମାନେ ପ୍ରବର୍ତନ ନିର୍ଦ୍ଦେଶାଳୟର ଦୁରୁପଯୋଗ କରା ଯାଉଥିବା ଅଭିଯୋଗ କରି ହଟ୍ଟଗୋଳ କରିଥିଲେ । ଏହି କାରଣରୁ ବାଚସ୍ପତି ଶ୍ରୀମତୀ ସୁରମା ପାଢୀ ଗୃହକୁ ବାରମ୍ବାର ମୁଲତବୀ କରିଥିଲେ । ଫଳରେ ଆଜି ପ୍ରଶ୍ନକାଳ ସମେତ ଅନ୍ୟାନ୍ୟ କାର୍ଯ୍ୟକ୍ରମ ହୋଇ ପାରି ନ ଥିଲା ।



ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା । ବାଚସ୍ପତି ଶ୍ରୀମତୀ ସୁରମା ପାଢୀ ପ୍ରଶ୍ନକାଳ କାର୍ଯକ୍ରମ ଆରମ୍ଭ କରିବାକୁ ଚାହିଁଥିଲେ । ହେଲେ ବିଜେଡି ଓ କଂଗ୍ରେସ ଦଳର ବିଧାୟକ ମାନେ ହଟ୍ଟଗୋଳ କରିବା ଆରମ୍ଭ କରି ଦେଇଥିଲେ। ବିଜେଡି ବିଧାୟକ ମାନେ ଗଂଜାମ ଜିଲ୍ଲାରେ ବିଷାକ୍ତ ମଦ ପିଇ ମୃତ୍ୟୁ ହେବା ମାମଲାରେ ବିଭାଗୀୟ ମନ୍ତ୍ରୀଙ୍କ ଇସ୍ତଫା ଦାବି କରି ନାରାବାଜୀ କରିଥିଲେ। ସେହିପରି କଂଗ୍ରେସ ବିଧାୟକ ମାନେ ପ୍ରବର୍ତନ ନିର୍ଦ୍ଦେଶାଳୟର ଦୁରୁପଯୋଗ କରା ଯାଉଥିବା ଅଭିଯୋଗ କରି ହଟ୍ଟଗୋଳ ବାଚସ୍ପତି ବିଧାୟକ ମାନଙ୍କୁ ନିଜ ନିଜ ଆସନକୁ ଯାଇ ଗୃହ କାର୍ଯ୍ୟରେ ସହଯୋଗ ପ୍ରଦାନ କରିବାକୁ ବାରମ୍ବାର ଅନୁରୋଧ କରିଥିବା ଦେଖିବାକୁ ମିଳିଥିଲା । ହେଲେ ବିରୋଧୀ ବିଧାୟକ ମାନେ ସେମାନଙ୍କର ହଟ୍ଟଗୋଳ ଜାରୀ ରଖିଥିଲେ । ହଟ୍ଟଗୋଳ କମ ନ ହେବା କାରଣରୁ ବାଚସ୍ପତି ଶ୍ରୀମତୀ ସୁରମା ପାଢୀ ଗୃହକୁ ଏକ ଘଂଟା ପାଇଁ ମୁଲତବୀ ରହିଲା ବୋଲି ଘୋଷଣା କରିଥିଲେ । ଗୃହ କାର୍ଯ୍ୟ ପୁଣି ଥରେ ଆରମ୍ଭ ହେବା ବେଳେ ମଧ୍ୟ ସେହି ସମାନ ସେହି ସମାନ ପରିସ୍ଥିତି ଦେଖା ଦେଇଥିଲା । ବିରୋଧୀ ବିଧାୟକ ମାନେ ସେହି ସମାନ ପ୍ରସଙ୍ଗ କୁ ନେଇ ନାରାବାଜୀ କରିଥିଲେ । ଫଳରେ ବାଚସ୍ପତି ଗୃହକୁ ଅପରାହ୍ନ ୪ଟା ଯାଏ ମୁଲତବୀ ରହିଲା ବୋଲି ଘୋଷଣା କରିଥିଲେ । ଚୋରା ମଦବେପାରୀଙ୍କ ସହ ବିଜେପି ମନ୍ତ୍ରୀ, ବିଜେପି ବିଧାୟକ ଓ ନେତାଙ୍କ ସମ୍ପର୍କ ଥିବା ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଅଭିଯୋଗ କରିଛନ୍ତି । ଏଣୁ ନୈତିକତା ଦୃଷ୍ଟିରୁ ଅବକାରୀ ମନ୍ତ୍ରୀ ଇସ୍ତଫା ଦେବାକୁ ଦାବି ହୋଇଛି । କଂଗ୍ରେସ କହିଛି, ମଦମୁକ୍ତ ଓଡ଼ିଶା କରିବାକୁ ବିଜେପି ପ୍ରତିଶୃତି ଦେଇଥିଲା । ହେଲେ ବାସ୍ତବ ସ୍ଥିତି କଣ ଜଣାପଡୁଛି । କେବଳ ଚିକିଟି ନୁହେଁ ସାରା ଓଡ଼ିଶାରେ ଏବେ ଏମିତି ଅବସ୍ଥା । ସରକାର ଜବାବ ନଦେଲା ପର୍ଯ୍ୟନ୍ତ ପ୍ରତିବାଦ ଚାଲିବ ବୋଲି କଂଗ୍ରେସ ବିଧାୟକ କହିଛନ୍ତି ।

## ଏମ୍ସ ଭୁବନେଶ୍ୱରରେ ଦଲାଲ ସକ୍ରିୟ: ୫ ଅଭିଯୁକ୍ତଙ୍କୁ ବାନ୍ଧିଲା ପୁଲିସ

ଭୁବନେଶ୍ୱର : ରାଜ୍ୟର ଅନ୍ୟତମ ବୃହତ୍ ସ୍ୱାସ୍ଥ୍ୟ ସେବା କେନ୍ଦ୍ର ଏମ୍ସ ଭୁବନେଶ୍ୱରରେ ଦଲାଲମାନେ ପୁଣି ଥରେ ସକ୍ରିୟ ହୋଇଛନ୍ତି। ଜୀବନ ବଞ୍ଚାଇବା ପାଇଁ ବ୍ୟାକୁଳ ହେଉଥିବା ରୋଗୀ ଓ ରୋଗୀ ପରିବାରଙ୍କ ଠାରୁ ଟଙ୍କା ରୋଜଗାର ପାଇଁ ଦଲାଲମାନେ ବ୍ୟାକୁଳ ହୋଇ ଉଠିଛନ୍ତି। ପ୍ରଶାସନିକ ବ୍ୟବସ୍ଥା କଠୋର ହେଉ ନଥିବାରୁ ଦଲାଲମାନଙ୍କର ରାଜ ଚାଲିଛି। ତେବେ ଦଲାଲିଙ୍କ ସଂପର୍କରେ ସୂଚନା ପାଇ କମିସନରେଟ ପୁଲି ୫ ଜଣ ଅଭିଯୁକ୍ତଙ୍କୁ




ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ପ୍ରଦୀପ୍ତ କୁମାର ଗୌଡ଼, ପ୍ରକାଶ ନାୟକ, ସିଦ୍ଧେଶ୍ୱର ବେହେରା, ମନୀଷ ପଟ୍ଟନାୟକ ଓ ବିକ୍ରମ କେଶରୀ ମଲିକ। ରାଜ୍ୟରେ କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ବୃହତ୍ ଡାକ୍ତରଖାନା ଏମ୍ସ ଭୁବନେଶ୍ୱରକୁ ଚିକିତ୍ସା ପାଇଁ ପ୍ରତିଦିନ ହଜାର ହଜାର ରୋଗୀ ଆସୁଛନ୍ତି। ଏମାନଙ୍କ ଠାରୁ ଲାଭ ଉଠାଇବା ପାଇଁ ଦଲାଲମାନେ ସକ୍ରିୟ ହୋଇଥାନ୍ତି। ହସ୍‌ପିଟାଲ ଜନିତ ଶୀଘ୍ର କରାଇ ଦେବା ପାଇଁ ରୋଗୀ ଓ ସେମାନଙ୍କର ସଂପର୍କୀୟଙ୍କୁ ଲୋଭ ଦେଖାଇ ଭଲ ରୋଜଗାର କରିଥାନ୍ତି। ତେବେ ଗତକାଲି ଏମ୍ସରେ କିଛି ଦଲାଲ ସାଧାରଣ ଲୋକଙ୍କୁ ଲୁଟୁଥିବା ନେଇ ଖଣ୍ଡଗିରି ଥାନା ଅଧିକାରୀଙ୍କୁ ଖବର ମିଳିଥିଲା। ଏହି ଖବର ମିଳିବା ମାତ୍ରେ ପୁଲିସ ଅତର୍କିତ ଭାବେ ଚଢ଼ାଉ କରି ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିଲା କମିସନରେଟ୍ ପୁଲିସର ଏସିପି (ଜୋନ୍-୩) ତପନ କୁମାର ପ୍ରଧାନ ଗଣମାଧ୍ୟମକୁ କହିଛନ୍ତି, ଏମ୍ସରେ ଥିବା ବିଭିନ୍ନ ଗୁରୁତ୍ୱପୂର୍ଣ ବିଭାଗରେ ଟିକେଟ କରାଇଦେବାକୁ କହି ରୋଗୀ ସମ୍ପର୍କୀୟଙ୍କ ଠାରୁ ଦଲାଲମାନେ ମୋଟା ଅଙ୍କର ଟଙ୍କା ନେଉଥିଲେ। ଖଣ୍ଡଗିରି ଥାନା ପୁଲିସ୍ ଖବରପାଇ ଏମାନଙ୍କୁ ମାଡ଼ିବସିଲା।



## ସଂ ପା ଦ କୀ ୟ

# ଅଲିମ୍ପିକରେ ଭାରତୀୟଙ୍କ ଦବ୍‌ଦବା

ଭାରତରେ କ୍ରମଶଃ ଖେଳକୁଦର ଆଦର ବଢୁଛି । ଏସୀୟ କ୍ରୀଡ଼ା ଓ ଅଲିମ୍ପିକରେ ଭାରତର ଖେଳାଳିମାନେ କ୍ରମଶଃ ଭଲ ଖେଳ ପ୍ରଦର୍ଶନ କରି ପଦକ ଜିତି ନିଜକୁ ଓ ଦେଶକୁ ଗର୍ବିତ କରୁଛନ୍ତି । ସର୍ବୋପରି ଖେଳକୁଦ ଏବେ ଏକ ଲାଭଜନକ ବୃତି ହୋଇଥିବାରୁ ଯୁବବର୍ଗ ଏହା ପ୍ରତି ଅଧିକ ଆଗ୍ରହ ଦେଖାଉଛନ୍ତି । କେନ୍ଦ୍ର ହେଉ ଅଥବା ରାଜ୍ୟ ପ୍ରତ୍ୟେକ ସରକାର କ୍ରୀଡ଼ା ବଜେଟ୍ ବଢ଼ାଇ କ୍ରୀଡ଼ାବିତ୍‌ମାନଙ୍କୁ ଉତ୍ସାହିତ କରୁଛନ୍ତି । ଗତ କେଇ ବର୍ଷ ଧରି ଓଡ଼ିଶା ସରକାର ଦେଶର ଜାତୀୟ ଖେଳ ହକିର ପ୍ରାୟୋଜକ ହୋଇଥିବାବେଳେ ଫୁଟ୍‌ବଲ୍ ଓ ଅନ୍ୟାନ୍ୟ ଖେଳକୁ ବିଭିନ୍ନ ଭାବେ ପ୍ରଦର୍ଶିତ କରୁଛନ୍ତି । ନିକଟରେ ଚୀନ୍‌ରେ ଶେଷ ହୋଇଥିବା ଏସୀୟ କ୍ରୀଡ଼ାରେ ଭାରତ ୨୮ ସୁନା, ୩୮ ରୁପା ଓ ୪୧ କାଂସ୍ୟ ସହିତ ରେକର୍ଡ ୧୦୭ ପଦକ ଜିତି ତାଲିକାରେ ଚତୁର୍ଥ ସ୍ଥାନ ଅଧିକାର କରିଛି । ୨୦୧୮ ଜାକର୍ତା ଏସୀୟ କ୍ରୀଡ଼ାରେ ଭାରତକୁ ୧୬ ସୁନା ସହିତ ମୋଟ୍ ୭୦ ପଦକ ମିଳିଥିଲା ଏବଂ ତାହା ମଧ୍ୟ ଦେଶ ପାଇଁ ଏକ ରେକର୍ଡ ଥିଲା । ମାତ୍ର ଚାରିବର୍ଷ ମଧ୍ୟରେ ଆମେ ପଦକ ତାଲିକାରେ ତିନିଅଙ୍କରେ ପ୍ରବେଶ କରିବା ସହ ସୁନା ସଂଖ୍ୟାରେ ଆଖିଦୃଶିଆ ପ୍ରଗତି କରିପାରିଛୁ । ଏହାସତ୍ତ୍ୱେ ଭାରତ ବିଶ୍ୱର ସବୁଠୁ ଜନବହୁଳ ଦେଶ ହୋଇ ମଧ୍ୟ ଏସିଆର ଏକ ପ୍ରମୁଖ କ୍ରୀଡ଼ାଶକ୍ତି ହୋଇପାରିନାହିଁ । ଜାପାନ, ଦକ୍ଷିଣ କୋରିଆ ଭଳି କ୍ଷୁଦ୍ର କ୍ଷୁଦ୍ର ରାଷ୍ଟ୍ର ଭାରତଠାରୁ ଯଥେଷ୍ଟ ଆଗରେ ରହୁଛନ୍ତି । ତେବେ ଆମ ଏସୀୟ ପଦକ ବିଜେତାମାନଙ୍କ ମଧ୍ୟରୁ ଓଡ଼ିଶାର ଜାଭେଲିନ୍ ଫିଙ୍ଗାଳି ସହିତ ଭାରତୀୟ ପୁରୁଷ ହକି, କ୍ରିକେଟ୍ (ଉଭୟ ପୁରୁଷ ଓ ମହିଳା) ଓ ଆଉ କେତେକ ଖେଳର ଖେଳାଳି ପ୍ୟାରିସ୍ ଅଲିମ୍ପିକରେ ଖେଳିବାକୁ ଯୋଗ୍ୟତା ହାସଲ କରିଛନ୍ତି । ଆମର ଅଲିମ୍ପିକ ରେକର୍ଡ ଉତ୍ସାହଜନକ ନୁହେଁ । ତେବେ ଆମ କ୍ରୀଡ଼ାବିତ୍‌ଙ୍କ କ୍ରମବର୍ଦ୍ଧିଷ୍ଣୁ ଆତ୍ମବିଶ୍ୱାସ ଓ ଉନ୍ନତ ପ୍ରଦର୍ଶନ ଏହି ପଦକ ଦୁର୍ଭିକ୍ଷକୁ ଯେ ଦୂର କରିପାରିବ ଏ ବିଶ୍ୱାସ ଆମର ରହିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତୀୟ ଅଲିମ୍ପିକ କମିଟି (ଆଇଓସି)ରେ ଉଦ୍‌ବୋଧନ ଦେବା ଅବସରରେ କହିଛନ୍ତି ଯେ ଭାରତ ୨୦୩୬ ଅଲିମ୍ପିକ ଆୟୋଜନ କରିବାକୁ ସବୁମନ୍ତେ ଉଦ୍ୟମ କରିବ । ଭାରତ ଏ ଯାଏଁ ଗୋଟିଏ ହେଲେ ଅଲିମ୍ପିକ ଆୟୋଜନ କରିନାହିଁ ଏବଂ ଏସୀୟ କ୍ରୀଡ଼ା ମାତ୍ର ଦୁଇଥର ଆୟୋଜନ କରିଛି । ଆନ୍ତର୍ଜାତିକ କ୍ରୀଡ଼ା ପ୍ରତିଯୋଗିତା, ବିଶେଷକରି ଅଲିମ୍ପିକ ଭଳି କ୍ରୀଡ଼ା ମହାକୁମ୍ଭ ଆୟୋଜନ କରିବା ସହଜ କଥା ନୁହେଁ । ଏଥିପାଇଁ ପ୍ରଚୁର ଅର୍ଥ ଓ ବିଶ୍ୱସ୍ତରୀୟ କ୍ରୀଡ଼ା ତଥା ଅନ୍ୟାନ୍ୟ ଭିତିଭୂମିର ଆବଶ୍ୟକତା ରହିଛି । ତେବେ ଅଲିମ୍ପିକ ଆୟୋଜନରେ ଭିତିଭୂମି ବିକାଶ ପାଇଁ ଯେଉଁ ବିପୁଳ ପୁଞ୍ଜି ନିବେଶ ହୁଏ, ତାହା ମଧ୍ୟ ଦେଶର ଅର୍ଥନୈତିକ ପ୍ରଗତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥାଏ । ଭାରତ ଏବେ ବିଶ୍ୱର ଅନ୍ୟତମ ଦ୍ରୁତ ବିକାଶଶୀଳ ଅର୍ଥନୀତି । ୨୦୩୫ ସୁଦ୍ଧା ଏହାର ଅର୍ଥନୀତି ଛଅ ଟ୍ରିଲିୟନ୍ ଡଲାରରେ ପହଂଚିବ ବୋଲି ଆକଳନ କରାଯାଉଛି । ତେଣୁ ଭାରତ ଅଲିମ୍ପିକ ଆୟୋଜନ ପାଇଁ ଦାବିଦାର ହେବା ଏବଂ ପ୍ରଧାନମନ୍ତ୍ରୀ ଏଥିପ୍ରତି ଆଗ୍ରହ ପ୍ରକାଶ କରିବାରେ କିଛି ଅସ୍ୱାଭାବିକତା ନାହିଁ । ଆମଠାରୁ ଆହୁରି ଦୁର୍ବଳ ଅର୍ଥନୀତି ଓ ଛୋଟ ଦେଶ ଅତୀତରେ ଅଲିମ୍ପିକ ଆୟୋଜନ କରି ସଫଳ ହୋଇଛନ୍ତି । ଅତଏବ ଆମେ କାହିଁକି ପାରିବା ନାହିଁ ? ଯଦି ଆମକୁ ୨୦୩୬ର ଅଲିମ୍ପିକ ଆୟୋଜନ ଅନୁମତି ମିଳେ, ତେବେ ସେଥିପାଇଁ ଏବେଠାରୁ କ୍ରୀଡ଼ା ଓ ଅନ୍ୟାନ୍ୟ ଭିତିଭୂମିରୁ ବିକାଶ କାର୍ଯ୍ୟ ଯୋଜନାବଦ୍ଧ ଭାବେ ଆରମ୍ଭ କରବାକୁ ପଡ଼ିବ । ସତକଥା କହିବାକୁ ଗଲେ ଆମ ହାତରେ ଏବେ ଆଉ ଯେଉଁ ୧୩ ବର୍ଷ ରହିଲା ସେଥିରେ ଆମେ ଆମ ମହାନଗର ଓ ପ୍ରମୁଖ ନଗରୀଗୁଡ଼ିକୁ ନେଇ ଅଲିମ୍ପିକ ଆୟୋଜନ କରିବାକୁ ଯୋଗ୍ୟ ହୋଇପାରିବା ତ ? କେଉଁ ସହର ବା ନଗରୀ ଏହାକୁ ଆୟୋଜନ କରିବ । ଦିଲ୍ଲୀ ବ୍ୟତୀତ ଅନ୍ୟ କୌଣସି ମହାନଗରୀରେ ଏଥିପାଇଁ ମୌଳିକ ସୁବିଧା ନାହିଁ କିମ୍ବା ୧୩ ବର୍ଷ ମଧ୍ୟରେ ସେ ସୁବିଧା କରିବା ସମ୍ଭବ ନୁହେଁ । ଅହମ୍ମଦାବାଦରେ ଏବେ ଯେଉଁ ସମନ୍ୱିତ କ୍ରୀଡ଼ାଙ୍ଗନ ଓ କ୍ରୀଡ଼ା ଭିତିଭୂମି ବିକଶିତ ହେଉଛି, ତାହାକୁ ତ୍ୱରାନ୍ୱିତ କଲେ ସେଠାରେ ହୁଏତ ଅଲିମ୍ପିକ ଆୟୋଜନ କରାଯାଇପାରେ । ତା'ନହେଲେ ଆସନ୍ତା ୧୩ ବର୍ଷ ମଧ୍ୟରେ ଦେଶରେ ଏଥିପାଇଁ ଅତିକମ୍‌ରେ ଦୁଇତିନିଟି ସ୍ୱତନ୍ତ୍ର ନଗରୀ ନୂଆ କରି ତିଆରି କରିବାକୁ ପଡ଼ିବ । ଏବେ ଯେଉଁ ସ୍ମାର୍ଟସିଟି ନିର୍ମାଣ ଚାଲିଛି, ତାହା ହୁଏତ ଅଲିମ୍ପିକର ଆବଶ୍ୟକତା ପୂରଣ କରିନପାରେ ।

ଆପଣଙ୍କ ଅଭିଯୋଗ, ସମସ୍ୟା, ମତାମତ କୁ ପ୍ରମାଣ ସହ ପଠାନ୍ତୁ । ବିଶେଷ ପୃଷ୍ଠା ନିମନ୍ତେ ଆର୍ଟିକଲ(ଆଲେଖ୍ୟ) ବି ପଠାଇ ପାରିବେ ।

ମୋବାଇଲ (ହ୍ୱାଟସ୍‌ଆପ) : ୬୩୭୧୪୧୭୩୬୧
ଇମେଲ: voiceofvictimsnews@gmail.com
ମୁଖ୍ୟ ସମ୍ପାଦକ: କୈଳାସ ଚନ୍ଦ୍ର ଶତପଥୀ
ମୁଖ୍ୟ ପ୍ରତିନିଧି : ରଣଜିତ୍ ପଟ୍ଟନାୟକ

# ସମ୍ଭବାମି ଯୁଗେ ଯୁଗେ



ଡକ୍ଟର ଅଭିମନ୍ୟୁ ବରାଳ

ଯେତେ ବେଳେ ଧର୍ମର ଗ୍ଲାନି ହୁଏ, ଅଧର୍ମର ଘୂର୍ଣ୍ଣାବର୍ତ୍ତରେ ଧର୍ମତରୀ ବୁଡିବାକୁ ବସେ, ସେତେବେଳେ ଅଧର୍ମର ଦାଉରୁ ଧର୍ମକୁ, ଧରାକୁ ଓ ସାଧୁ ସନ୍ଥଙ୍କୁ ରକ୍ଷା କରିବା ପାଇଁ ସ୍ୱୟଂ ଭଗବାନ ଧରାଧାମରେ ଅବତୀର୍ଣ୍ଣ ହୁଅନ୍ତି । ଯୁଗେ ଯୁଗେ ଏହି ସତ୍ୟ ପ୍ରମାଣିତ ହୋଇ ଆସିଛି । ଭଗବାନ ଅବତାର ଗ୍ରହଣ କରି ଧରାବତରଣ କରିବାର ଉଦ୍ଦେଶ୍ୟ ଧର୍ମ ସଂସ୍ଥାପନ । ତେଣୁ ଗୀତାରେ ସ୍ୱୟଂ ଭଗବାନ କୌନ୍ତେୟ ଅର୍ଜୁନଙ୍କୁ କହିଛନ୍ତି –

ଯଦା ଯଦାହି ଧର୍ମସ୍ୟ ଗ୍ଲାନିର୍ଭବତି ଭାରତ ।
ଅଭ୍ୟୁ□ାନମ୍‌ଧର୍ମସ୍ୟ ତଦାତ୍ମାନଂ ସୃଜ୍ୟାମ୍ୟହମ୍ ॥
ପରିତ୍ରାଣାୟ ସାଧୁନାଂ ବିନାଶାୟଶ୍ଚ ଦୁଷ୍କୃତାମ୍ ।
ଧର୍ମ ସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ ॥

ଏଠାରେ ଭଗବାନ ସ୍ପଷ୍ଟ ଭାବରେ କହିଛନ୍ତି ଯେ – ଅଧର୍ମର ବିନାଶ, ସାଧୁ ସନ୍ଥଙ୍କ ସୁରକ୍ଷା ଏବଂ ଧର୍ମ ସଂସ୍ଥାପନା ପାଇଁ ସେ କାଳେ କାଳେ ଧରାବତରଣ କରନ୍ତି । ଶ୍ରୀରାମଚରିତ ମାନସରେ ଗୋସ୍ୱାମୀ ତୁଳସୀ ଦାସଜୀ ମହାରାଜ ମଧ୍ୟ ଅନୁରୂପ ମତବ୍ୟକ୍ତ କରିଛନ୍ତି । ସେ କହିଛନ୍ତି –

ଜବ ଜବ ହୋଇ ହି ଧରମ କି ହାନୀ ।
ବାଢଇ ଅସୁର ଅଧମ ଅଭିମାନୀ ॥
କରହି ଅନିତୀ ଜାଇ ନାହିଁ ବରନୀ ।
ସୀଦହିଁ ବିପ୍ର ଧେନୁ ସୁର ଧରନୀ ॥
ତବ ତବ ପ୍ରଭୁ ଧରି ବିବିଧ ଶରୀରା ।
ହରହୁ କୃପା ନିଧି ସଜ୍ଜନ ପୀରା ॥
( ଶ୍ରୀରାମ ଚରିତ ମାନସ – ବାଳ କାଣ୍ଡ )

ଅର୍ଥାତ ଯେତେ ବେଳେ ଧର୍ମ ହାନୀ ହୁଏ, ଦାନବ ଶକ୍ତିର ପ୍ରାବଲ୍ୟରେ ଅକଥନୀୟ ଅନ୍ୟାୟ ଅତ୍ୟାଚାର ବଢିଚାଲେ, ସୁର ବିପ୍ର, ଧେନୁ ଓ ଧରଣୀ ବିକଳରେ ଚିତ୍କାର କରନ୍ତି – ସେତିକି ବେଳେ ପ୍ରଭୁ ବିବିଧ ଶରୀରରେ ଅବତାର ଧାରଣ କରି ଧରା ଧାମକୁ ଆସି ସଜ୍ଜନ ମାନଙ୍କ କଷ୍ଟ ହରଣ ପୂର୍ବକ ଧରାରେ ଧର୍ମ ସଂସ୍ଥାପନ ପୂର୍ବକ ଶାନ୍ତି ପ୍ରତିଷ୍ଠା କରିଥାନ୍ତି । ସତ୍ୟ ଯୁଗରେ ଭଗବାନ ନରସିଂହ ଅବତାର ହୋଇ ହିରଣ୍ୟ କଶ୍ୟପୁକୁ ବଧକରି ଧର୍ମ ସଂସ୍ଥାପନ କରିଥିଲେ । ତ୍ରେତା ଯୁଗରେ ରାମାବତାର ହୋଇ ରାବଣକୁ ବଧ କରି ସୃଷ୍ଟିରେ ଶାନ୍ତିର ମନ୍ଦାକିନୀ ପ୍ରଭାହିତ କରିଥିଲେ । ଦ୍ୱାପର ଯୁଗରେ କୃଷ୍ଣାବତାର ହୋଇ କଂସର ବିନାଶ ପୂର୍ବକ ଜଗତବାସୀଙ୍କର ଅଶେଷ କଲ୍ୟାଣ ସାଧନ କରିଥିଲେ ଏବଂ ସତ୍ୟ, ନ୍ୟାୟ, ଧର୍ମର ଦିବ୍ୟାଲୋକରେ ଜଗତକୁ ଆଲୋକିତ କରିଥିଲେ । ସବୁ ପୁରାଣ ଶାସ୍ତ୍ରରେ ଏହାହିଁ ଉଦ୍‌ଘୋଷିତ ହୋଇଛି । ଚାରିଯୁଗରେ ଏହି ସତ୍ୟ ପ୍ରମାଣିତ ହୋଇଛି ।

ଦ୍ୱାପର ଯୁଗରେ ଶାଲ୍ୱ, ଶିଶୁପାଳ, ବକ୍ରଦନ୍ତ, ଜରାସନ୍ଧ ସର୍ବୋପରି ମଥୁରାଧିପତି କଂସର ଦୌରାତ୍ମ୍ୟ ଏବଂ ଅତ୍ୟାଚାରରେ ଦେବ ଲୋକରୁ ନାଗଲୋକ ପର୍ଯ୍ୟନ୍ତ ସମସ୍ତେ ଉତ୍‌ପିଡିତ ହୋଇ ଦେବ, ନାଗ, ନର, ଗନ୍ଧର୍ବ, ଚାରଣ ବିଦ୍ୟାଧର ସମସ୍ତେ ତ୍ରାହି ତ୍ରାହି ଡାକିଲେ । କ୍ଷିରାବ୍ଧି ତଟରେ ଦେବତା ମାନେ ଭଗବାନଙ୍କୁ ସ୍ତୁତି କରିବାକୁ ଲାଗିଲେ । ଯୋଗ ନିଦ୍ରାରୁ ଉଠି ପ୍ରଭୁ ଦୁଷ୍ଟ ମାନଙ୍କୁ ନାଶ କରି ସମସ୍ତଙ୍କ ଦୁଃଖ ଦୁର କରିବାକୁ ଅଙ୍ଗିକାରବଦ୍ଧ ହେଲେ । ଦେବକୀଙ୍କ ଅଷ୍ଟମ ଗର୍ଭରୁ ଜାତ ହୋଇ କଂସ ନାଶିବାର ଦୃଢ ପ୍ରତିଶ୍ରୁତି ପ୍ରଦାନ କଲେ । ଦୁଷ୍ଟ କଂସ ଦୈବ ବାଣୀ ଦ୍ୱାରା ପ୍ରଭାବିତ ହୋଇ ଦେବକୀ ଓ ବସୁଦେବଙ୍କୁ ବନ୍ଦିଶାଳାରେ ରଖିଲା । କଂସ ସେଦିନ ଫେରିଆସିଲା କିନ୍ତୁ ଭାଦ୍ର କୃଷ୍ଣ ଅଷ୍ଟମି ତିଥିରେ ଭଗବାନ ଶ୍ରୀକୃଷ୍ଣ ଦେବକୀ ମାତାଙ୍କ ଗର୍ଭ ସିନ୍ଧୁରୁ ନବୋଦିତ ଚନ୍ଦ୍ରମା ଭଳି ଜନ୍ମଲାଭ କଲେ । ଭାଗବତ କହନ୍ତି –

ଅଷ୍ଟମି ନିଶି ଅର୍ଦ୍ଧଭାଗେ ।
ରୋହିଣୀ ବୃଷର ସଂଯୋଗେ ॥

ଭଗବାନ ଭୂମିଷ୍ଠ ହୋଇ ପିତା ବସୁଦେବଙ୍କୁ ନିବେଦନ କଲେ ମୋତେ ତୁ ନନ୍ଦ ଘରେ ଥୋଇ କନ୍ୟାକୁ ଆଣ ପାଲଟାଇ । ସମସ୍ତ ପ୍ରତିକୂଳ ବାତାବରଣ ଅନୁକୂଳରେ ରୂପାନ୍ତରିତ ହୋଇଗଲା । ବସୁଦେବ କୃଷ୍ଣଙ୍କୁ ନନ୍ଦ ଘରେ ରଖି, ନନ୍ଦଙ୍କର ସଦ୍ୟଜାତ କନ୍ୟା ସନ୍ତାନକୁ ଧରି ମଥୁରା ଫେରିଆସିଲେ । ନନ୍ଦ ଘରେ ଗୋବିନ୍ଦ ଶୁକ୍ଳ ପ କ୍ଷରେ ଶଶିକଳା ଭଳି ବଢିବାକୁ ଲାଗିଲେ । ଅଷ୍ଟ ବର୍ଷରେ କଂସକୁ ନାଶ କରି ଧରାରେ ଧର୍ମ ସଂସ୍ଥାପନ କଲେ । ଆଜି ସେହି ପବିତ୍ର ଭାଦ୍ର କୃଷ୍ଣ ଅଷ୍ଟମୀ । ଆଜିର ଏ ପବିତ୍ର ଦିନରେ ସେହି ଭଗବାନ ଶ୍ରୀକୃଷ୍ଣଙ୍କୁ ମୋର ପ୍ରଣାମ ।

ଦେବକୀ ମାତାଙ୍କର ସାତଟି ସନ୍ତାନ ନାଶ କରିବା ପରେ ଭଗବାନ ଶ୍ରୀକୃଷ୍ଣ ଅଷ୍ଟମ ଗର୍ଭରେ ଆସିଲେ । ଦେବକୀ ମାତାଙ୍କ ଗର୍ଭରେ ଭଗବାନ ଶ୍ରୀକୃଷ୍ଣ ରହିବାପରେ ମାତା ଦେବକୀ ଅତ୍ୟନ୍ତ ସୁନ୍ଦର ଦେଖାଗଲେ । ଭାଗବତରେ କୁହାଯାଇଛି –

"ଗୋବିନ୍ଦ ରହିଲେ ଉଦର ।
ଦେବକୀ ଦିଶିଲେ ସୁନ୍ଦର ॥"
(ଭାଗବତ – ୧୦ମ ସ୍କନ୍ଦ)

କଂସ ମନରେ ଦେବକୀଙ୍କୁ ନାଶ କରିବାର କଳ୍ପନା ମନ ଭିତରେ ଜାତ ହେଲା । କାରଣ, ଭାଗବତରେ କୁହାଯାଇଛି –

ମୂଳୁ ମାରିଲେ ଯିବ ସରି ।
ଦେବଙ୍କ ସଙ୍ଗେ କିଂପା କଳି ॥

ଅର୍ଦ୍ଧରାତ୍ରୀରେ ଉନ୍ମୁକ୍ତ କରବାଳକୁ ଧରି କଂସ ବନ୍ଦିଶାଳକୁ ଗଲା କିନ୍ତୁ ଦେବକୀଙ୍କର ଅପୂର୍ବ ଜ୍ୟୋତିର୍ମୟୀ ରୂପକୁ ଦେଖି ତା ହାତରୁ ଖଡ୍ଗ ଖସି ପଡିଲା । କଂସ ବିଚାର କଲା ଏ ତ ମୋ ଶତ୍ରୁ ନୁହେଁ । ଶତ୍ରୁ ଏହାର ଗର୍ଭଜାତ ଶିଶୁ । ବିବେକ ତା ହୃଦୟରେ କହିଲେ – 'ଏହାକୁ ମାରି ପାପ ଅର୍ଜନ କରିବି କାହିଁକି ?' କଂସ ମୁଖରେ ଭାଗବତ କାର କହିଛନ୍ତି–

ପାପଙ୍କ ମଧ୍ୟରେ ପ୍ରମାଦ ।
ସ୍ତୀରୀ ଗର୍ଭିଣୀ ଶିଶୁବଧ ॥
ଏ ତିନି ପାପ ଯେ କରନ୍ତି ।
ଆୟୁଷ ଥାଇ ସେ ମରନ୍ତି ॥

ସେଦିନ ଗୋଟିଏ କଂସକୁ ନାଶ କରି ଭଗବାନ ଧରାରେ ଶାନ୍ତି ପ୍ରତିଷ୍ଠା କରିଥିଲେ । ଆଜି କିନ୍ତୁ ସର୍ବତ୍ର କଂସର ରାଜତ୍ୱ ବିଦ୍ୟମାନ । ଅନ୍ୟାୟ, ଅଧର୍ମ, ଅତ୍ୟାଚାର ସୀମା ଲଙ୍ଘନ କରିଛି । ସନ୍ତ୍ରାସବାଦର ଘୃଣ୍ୟ କାର୍ଯ୍ୟ କଳାପରେ ଧରଣୀ ଆଜି ରକ୍ତ ରଞ୍ଜିତ । ସାଧୁ ସନ୍ଥ ମାନେ ଆଜି ଭୀତତ୍ରସ୍ତ । ପୁରାଣ ଶାସ୍ତ୍ର ଆଜି ଅପଠ୍ୟ – ଅବହେଳିତ । ଦେବାଦେବୀ ଆଜି ଅପୂଜ୍ୟ । ଦେବ ମନ୍ଦିର ପାପୀଙ୍କ ଦ୍ୱାରା କବଳିତ । ଧାର୍ମିକ, ପୂଜକ ଆଜି ଲାଞ୍ଛିତ – ନିଷ୍ପେସିତ । ସତେ ଯେଭଳି ଦ୍ୱାପର ଯୁଗର ପୁନରାବୃତ୍ତି ଘଟିଛି । ହେ ଦେବକୀ ନନ୍ଦନ ପୁଣି ଥରେ ଅବତାର ଗ୍ରହଣ କରି ଛଦ୍ମରୂପୀ କଂସ ମାନଙ୍କୁ ବିନାଶ କରି ସଂସାରକୁ ରକ୍ଷା କରନ୍ତୁ । ଧର୍ମ ସଂସ୍ଥାପନ କରନ୍ତୁ । ଜୟ ଗୋବିନ୍ଦ ।

**ଶ୍ରୀ କୃଷ୍ଣାର୍ପଣ ମସ୍ତୁ ।**

**ବର୍ଷଣା ବିହାର, ମନ୍ଦିର ମାର୍ଗ**
**ସାକ୍ଷୀଗୋପାଳ, ପୁରୀ**

# ଶରଧା ବାଲି

ସ୍ୱପ୍ନେଶ୍ୱର ଗୋଛି

କଲିକତାରୁ ଚେନାଇ ଯାଇଥିବା ଜାତୀୟ ରାଜପଥ । କଲିକତାରୁ ଭୁବନେଶ୍ୱର ପର୍ଯ୍ୟନ୍ତ ଏହି ରାସ୍ତାର ଅଂଶ ଓ ତା'ପରେ ଭୁବନେଶ୍ୱରରୁ ପୁରୀ ପର୍ଯ୍ୟନ୍ତ ଯାଇଥିବା ରାସ୍ତାକୁ ଜଗନ୍ନାଥ ସଡ଼କ କୁହାଯାଏ । ଦିନେ ସକାଳେ ଏହି ସଡ଼କ କଡ଼ରେ ଅବସ୍ଥିତ ବାଲେଶ୍ୱର ଜିଲ୍ଲାର କୌଣସି ଏକ ଗାଆଁର ଜଣେ ବୁଢ଼ା ଲୋକ, ହାତରେ ବାଡ଼ି ଖଣ୍ଡେ ଧରି ଥରି ଥରି ସଡ଼କ ଆଡ଼କୁ ଆସିଲେ । ସଡ଼କର କଳା ପିଚୁରେ ଗୋଡ଼ ଦେବା ପୂର୍ବରୁ ବାଡ଼ିଟା ପକେଇ ଦେଇ ଆଣ୍ଠୁମାଡ଼ି ସଡ଼କକୁ ମୁଣ୍ଡିଆ ମାରିଲେ । ଏପରି କରିବାର କାରଣ ପଚାରିବାରୁ ଅଂଟା ସଳଖି ଠିଆ ହେଲେ ଓ କହିଲେ – 'ଇଏ ପରା ଜଗନ୍ନାଥ ସଡ଼କ । ମହାପ୍ରଭୁଙ୍କୁ ଦର୍ଶନ କରିବା ପାଇଁ ଯାଇଥିବା ଲକ୍ଷ ଲକ୍ଷ ଭକ୍ତଙ୍କ ପାଦ ଧୂଳି ଏ ରାସ୍ତାକୁ ପବିତ୍ର କରିଛି । ଏଇ ସଡ଼କ ଆମ ଗାଆଁକୁ ଶ୍ରୀକ୍ଷେତ୍ର ସହ ଯୋଡ଼ିଛି । ସେଇଥିପାଇଁ ମୁଣ୍ଡିଆ ମାରି କ୍ଷମା ମାଗିଲି । ତା' ପରେ ପାଦ ଥୋଇଲି ।'ଇଏ ହେଲା ଜଣେ ସରଳ ସାଧାରଣ ଓଡ଼ିଆ ଜଗନ୍ନାଥ ଭକ୍ତ ପାଇଁ ଜଗନ୍ନାଥ ସଡ଼କର ଧୂଳିର ପବିତ୍ରତା କଥା । ନୀଳାଚଳର ବଡ଼ଦାଣ୍ଡ ଓ ଶରଧାବାଲିରେ ପ୍ରତି ବର୍ଷ ମହାପ୍ରଭୁଙ୍କର ତିନି ରଥ ଦୁଇ ଥର ଯାତାୟତ କରନ୍ତି । ପ୍ରତିଦିନ ଲକ୍ଷ ଲକ୍ଷ ଭକ୍ତ ସେହି ରାସ୍ତା ଉପରେ ପାଦ ଦେଇ ମହାପ୍ରଭୁଙ୍କ ଦର୍ଶନ ପାଇଁ ଯାଆନ୍ତି । ଆଦିଶଙ୍କରାଚାର୍ଯ୍ୟ, ପ୍ରେମାବତାର ଚୈତନ୍ୟ ମହାପ୍ରଭୁ, ଗୁରୁ ନାନକ, ଭକ୍ତ କବିର, ସନ୍ଥ ତୁଳସୀ ଦାସ, ଶଙ୍କର ଦେବ ଓ ପରମ ବୈଷ୍ଣବ ରାମାନୁଜାଚାର୍ଯ୍ୟଙ୍କ ପରି ହଜାର ହଜାର ସିଦ୍ଧ ସାଧକଙ୍କ ପାଦ ଧୂଳିରେ ବଡ଼ ଦାଣ୍ଡ ଓ ଶରଧା ବାଲିର ଧୂଳି ପବିତ୍ର ହୋଇଛି । ତେଣୁ ମହାପ୍ରଭୁଙ୍କ ଭକ୍ତମାନଙ୍କ ମନରେ ଏ ବାଲି କେତେ ମହତ୍ୱ ରଖେ, ତାହା ସହଜରେ ଅନୁମାନ କରା ଯାଇପାରେ ।ୟ ଶ୍ରୀକ୍ଷେତ୍ରରେ ରଥ କହେ ମୁଁ ଦେବତା, ପଥ କହେ ମୁଁ । ଓଡ଼ିଶାର ପ୍ରତ୍ୟେକ ଅଂଚଳରୁ ଶ୍ରୀକ୍ଷେତ୍ରକୁ ଆସୁଥିବା ସଡ଼କକୁ ସ୍ଥାନୀୟ ଲୋକମାନେ ଜଗନ୍ନାଥ ସଡ଼କ ବୋଲି କହନ୍ତି ଓ ସେ ସଡ଼କକୁ ଦେବତାର ମାନ୍ୟତା ଦିଅନ୍ତି ।

# ଆଳୁ କେଜି ୧୦ ଟଙ୍କା ହୋଇଯିବ: ଯୋଗାଣ ମନ୍ତ୍ରୀ

ଭୁବନେଶ୍ୱର, : ଆଳୁ ଏବେବି ବଜାରରେ କେଜି ପିଛା ୨୦ଟଙ୍କାରେ ବିକ୍ରି ହେଉଛି। ପଶ୍ଚିମବଙ୍ଗରୁ ୪୦୦ ଟ୍ରକ୍‌ରେ ଆଳୁ ଆସିଛି। ଖୁବ୍ ଶୀଘ୍ର ଆଳୁ କେଜି ୧୦ରୁ ୧୨ଟଙ୍କା ହୋଇଯିବ। ଆମେ ସବୁ ଦିନ ପଶ୍ଚିମବଙ୍ଗ ଆଗରେ ମୁଣ୍ଡ ନୁଆଁଇ ରହିବାକୁ ଚାହୁଁନୁ।





ତେଣୁ ଉତ୍ତରପ୍ରଦେଶ ଓ ପଞ୍ଜାବରୁ ଆଳୁ ଆଣିବାକୁ ନିଷ୍ପତ୍ତି ହୋଇଥିଲା। ଆମେ ଆଳୁ ଉତ୍ପାଦନରେ ବଳକା ରାଜ୍ୟ ହେବାକୁ ଯୋଜନା କରୁଛୁ। ଯେଉଁ ବିଜେଡି ସରକାର ଆଳୁ ମିସନ୍ ନାଁରେ ୨୭୦କୋଟି ଚଲୁ କରିଦେଲା, ସେହି ଦଳର ବିଧାୟକ ଆଳୁ ଦରକୁ ନେଇ ଚିନ୍ତା ପ୍ରକଟ କରିବା ଦୁଃଖର ବିଷୟ। ସେହିପରି ପିଆଜ ଦର ଏବେ ସାମାନ୍ୟ ବଢ଼ିଥିଲେ ବି ଏହାକୁ ନିୟନ୍ତ୍ରଣକୁ ଅଣାଯିବ। ନାଫେଡ୍ ସହ କଥା ହୋଇଛୁ। ସେମାନଙ୍କ ପାଖରେ ୨ଲକ୍ଷ ମେଟ୍ରିକ ଟନ୍ ପିଆଜ ଅଛି। ଯେତେ ଆବଶ୍ୟକ ସେତେ ପିଆଜ ଦେବାକୁ ସହମତି ଦେଇଛନ୍ତି। ଏବେ ଦିନକୁ ନାଫେଡ୍ ଦୁଇ ଟ୍ରକ୍ ପିଆଜ ଦେବ। ପିଆଜ ଦାମ୍ ବି କମିଯିବ ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଗୃହରେ ସୂଚନା ଦେଇଛନ୍ତି। ବିଭାଗର ଖର୍ଚ୍ଚ ଦାବି ଆଲୋଚନାରେ ଉତ୍ତର ରଖି ମନ୍ତ୍ରୀ ଶ୍ରୀ ପାତ୍ର କହିଥିଲେ, ଏବେ ଭୁବନେଶ୍ୱରରେ ଗୋଟିଏ ଚାଉଳ ଏଟିଏମ୍ ବସିଛି। ଏହା ଗ୍ରହଣୀୟ ହୋଇଛି। ସବୁ ଜିଲ୍ଲା ମୁଖ୍ୟାଳୟରେ ଚାଉଳ ଏଟିଏମ୍ ବସାଯିବ। ଏହା ସଫଳ ହେଲେ ପ୍ରତି ବ୍ଲକ ଓ ପଞ୍ଚାୟତରେ ଚାଉଳ ଏଟିଏମ୍ ଲାଗିବ। ଏହାଦ୍ୱାରା ଲୋକ ଆଉ ଠକାମିର ଶିକାର ହେବେନି କି ଚାଉଳ ଚୋରି ହେବନି। ରାଜ୍ୟର ବିଭିନ୍ନ ଜିଲ୍ଲା ବୁଲିବାବେଳେ ପିଡିଏସ୍ ଚାଉଳ ଚୋରି ହୋଇଥିବା ନଜରକୁ ଆସିଛି। ଏହାକୁ କେତେକ ଅଧିକାରୀ, ଦଲାଲ୍, ପରିବହନ କରୁଥିବା ସଂସ୍ଥା ଲୁଟୁଛନ୍ତି। ଏବେଠୁ ନସୁଧୁରିଲେ କାର୍ଯ୍ୟାନୁଷ୍ଠାନ ହେବ। ଚାଷୀଙ୍କୁ ଯେତିକି ଟୋକନ୍ ଦିଆଯିବ ସବୁ ଧାନ କିଣାଯିବ। କଟନି ଛଟ୍‌ନି ହେବନି। ଧାନ କିଣିବା ପାଇଁ ଯେଉଁ ଦିନ ମେସେଜ୍ ଯାଇଥିବ ସେହିଦିନ ଧାନ କିଣାଯିବ। ଯଦି ମିଲର୍ ଧାନ ନକିଣିବେ ତେବେ ତାଙ୍କୁ କଳା ତାଲିକାଭୁକ୍ତ କରାଯିବ। ଚାଷୀଙ୍କୁ ମଣ୍ଡିରେ ପିଇବା ପାଣିଠାରୁ ଆରମ୍ଭ କରି ସବୁ ସୁବିଧା ମିଳିବ। ଆବଶ୍ୟକସ୍ଥଳେ ଭାତ, ଡାଲମା ଖାଇବାକୁ ଦିଆଯିବ। ସେହିପରି ଧାନ କିଣା ବାବଦରେ କେନ୍ଦ୍ର ଉପରେ ଥିବା ବକେୟା ଟଙ୍କା ନେଇ ମନ୍ତ୍ରୀ କହିଛନ୍ତି ଯେ କେନ୍ଦ୍ର ମନ୍ତ୍ରୀଙ୍କ ସହ ଆଲୋଚନା କରି ୨୫୦୦କୋଟି ଟଙ୍କା ଆଣିଛୁ। ଆଉ ୭୧୫୪କୋଟି ଟଙ୍କା ଅଛି। କେନ୍ଦ୍ର ମନ୍ତ୍ରୀ କହିଛନ୍ତି ଠିକ୍ ହିସାବ ଦେଇ ବାକି ଟଙ୍କା ନେଇଯିବ। ୨୦୦୯ ମସିହାରୁ ଏହି ଟଙ୍କା ବାକି ପଡ଼ିଥିଲେ ହେଁ ନମିଳିବାର କାରଣ ହେଉଛି ଯେତେବେଳେ କେନ୍ଦ୍ରୀୟ ଟିମ୍ ନିରୀକ୍ଷଣ କରିବାକୁ ଆସୁଥିଲେ ଆମ ଅଧିକାରୀମାନେ ସହଯୋଗ କରନ୍ତିନି। ତେଣୁ ସେମାନେ ଟଙ୍କା ଦେଇନଥିଲେ। ଏବେ ହିସାବ ଦେଲେ ୭ଦିନରେ ଟଙ୍କା ମିଳିବ।

# ସାର କାରଖାନା ଜମିହରା ପୂର୍ବତନ କର୍ମଚାରୀ ସଂଘ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭେଟିଲେ



ତାଳଚେର: ତାଳଚେର ସାର କାରଖାନା ଜମିହରା ପୂର୍ବତନ କର୍ମଚାରୀ ସଂଘ ପକ୍ଷରୁ ଏକ ଦାବିପତ୍ର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଙ୍କୁ ପ୍ରଦାନ କରାଯାଇଛି ।ସାର କାରଖାନା ଜମିହରା ସଂଘ ର ଉପଦେଷ୍ଟା ପର୍ଶୁରାମ ବାରିକ ଓ ଆବାହକ ବରୁଣ କୁମାର ସାହୁ ଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଙ୍କୁ ନୁଆଁ ଦିଲ୍ଲୀ ସ୍ଥିତ ବାସ ଭବନ ରେ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି ।ପ୍ରମୁଖ ଦାବୀ ମଧ୍ୟରେ ସାର କାରଖାନା ରେ ଜମି ହରାଇ ଥିବା କ୍ଷତିଗ୍ରସ୍ତ ପ୍ରଜା ଙ୍କର ଉତ୍ତରାଧିକାରୀ ଙ୍କୁ ଯୋଗ୍ୟତା ଅନୁସାରେ ଚାକିରୀ ଦେବା ନିମନ୍ତେ ସେମାନେ ପ୍ରାଥନା କରିଛନ୍ତି ।ପ୍ରକାଶ ଥାଉକି ଏହା ପୂର୍ବରୁ ସେମାନେ ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ଙ୍କୁ ଭେଟି ସେହି ସମାନ ଦାବୀ ପତ୍ର ପ୍ରଦାନ କରିଥିଲେ ।ଦାବୀ ପତ୍ର ପ୍ରଦାନ ସମୟରେ ଜଗଦୀଶ ମିଶ୍ର, ନରେଶ ସାମଲ ଟୀକନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

# ନବୀନଙ୍କୁ ଭେଟିଲେ ଅଲିମ୍ପିକ୍ସ ବିଜୟୀ ଭାରତୀୟ ହକିଦଳ

ଭୁବନେଶ୍ୱର, : ଅଲିମ୍ପିକରେ ବ୍ରୋଞ୍ଜ ପଦକ ବିଜୟୀ ଭାରତୀୟ ହକି ଦଳ ଗୁରୁବାର ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ନବୀନ ନିବାସରେ ସାକ୍ଷାତ କରିଛନ୍ତି। ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀଙ୍କ ନେତୃତ୍ୱରେ ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ନବୀନ ନିବାସରେ ଭେଟିଛନ୍ତି। ନବୀନ ପଟ୍ଟନାୟକ ଖେଳାଳିମାନଙ୍କୁ ଉପଢ଼ୌକନ ଓ ରୁପା ତାରାକସିର କୋଣାର୍କ ଚକ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ନବୀନ ଖେଳାଳୀମାନଙ୍କୁ ବିଜୟ ପାଇଁ ଅଭିନନ୍ଦନ ଜଣାଇବା ସହ ଆଗାମୀ ଦିନରେ ଦେଶର ଗୌରବକୁ ଆହୁରି ଉଚ୍ଚସ୍ତରକୁ ନେବାକୁ କାମ ଜାରି ରଖିବା ପାଇଁ ପରାମର୍ଶ ଦେଇଥିଲେ।




ଆଗାମୀ ଅଲିମ୍ପିକରେ ଓଡିଶା ତଥା ଭାରତ ହକିରେ ସୁନା ପଦକ ଆଶା ରଖିଛନ୍ତି ବୋଲି ନବୀନ ସାକ୍ଷାତ୍ ଅବସରରେ ହକିଦଳକୁ କହିଛନ୍ତି। ଖେଳାଳୀମାନେ ସେମାନଙ୍କ ସ୍ୱାକ୍ଷର ସମ୍ବଳିତ ଜର୍ସି ନବୀନଙ୍କୁ ପ୍ରଦାନ କରିଥିଲେ। ଭାରତୀୟ ହକି ଦଳ ସବୁବେଳେ ଓଡିଶା ତଥା ଓଡିଶାବାସୀଙ୍କ ନିକଟରେ ସେମାନଙ୍କ ସହଯୋଗ ଓ ସମର୍ଥନ ପାଇଁ କୃତଜ୍ଞ ରହିବ ବୋଲି ହକି ଦଳ ଖେଳାଳି କହିଥିଲେ। ଓଡିଶାବାସୀଙ୍କ ସମର୍ଥନ ଯୋଗୁଁ ଭାରତୀୟ ହକି ତାର ଗୌରବ ଫେରି ପାଇଛି ବୋଲି ଖେଳାଳିମାନେ ପ୍ରକାଶ କରିବା ସହ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇଥିଲେ ।

# ମୋଦୀଜୀଙ୍କ ଆତ୍ମବିଶ୍ୱାସକୁ ଦୋହଲାଇ ଦେଇଛି ଇଣ୍ଡିଆ ଗଠବନ୍ଧନ: ରାହୁଲ

ନୂଆଦିଲ୍ଲୀ, : ମୋଦୀଜୀଙ୍କ ଆତ୍ମବିଶ୍ୱାସକୁ ଦୋହଲାଇ ଦେଇଛି ଇଣ୍ଡିଆ ଗଠବନ୍ଧନ। ରାହୁଲ ଗାନ୍ଧୀ ଗୁରୁବାର ଶ୍ରୀନଗରରେ ପହଞ୍ଚି କଂଗ୍ରେସ କର୍ମୀଙ୍କୁ ସମ୍ବୋଧିତ କରିବା ବେଳେ ଏଭଳି କହିଥିଲେ ବୋଲି ଜଣାପଡ଼ିଛି। ସେ ଲୋକମାନଙ୍କୁ ଆଶ୍ୱାସନା ଦେଇଥିଲେ ଯେ ସେମାନଙ୍କର ସମସ୍ୟାର ସମାଧାନ ହେବ ଏବଂ କଂଗ୍ରେସ ଦଳ ସେମାନଙ୍କ ସହ ଛିଡା ହେବ। ଏହି ଗସ୍ତ ସମୟରେ ରାହୁଲ ଆହୁରି ସୂଚାଇ ଦେଇଥିଲେ ଯେ ସେମାନେ ଆଗାମୀ ନିର୍ବାଚନରେ ଜମ୍ମୁ କଶ୍ମୀରରେ ପରିସ୍ଥିତିକୁ ଗମ୍ଭୀରତାର ସହ ଗ୍ରହଣ କରିବେ ଏବଂ ଦଳୀୟ କର୍ମୀଙ୍କ କଠିନ ପରିଶ୍ରମ ଏବଂ ସମ୍ମାନ ରକ୍ଷା କରିବେ। ରାହୁଲ ଗାନ୍ଧୀ ତାଙ୍କ ସମ୍ବୋଧନରେ ଲୋକସଭା ନିର୍ବାଚନର ଫଳାଫଳ ବିଷୟରେ ଉଲ୍ଲେଖ କରି କହିଥିଲେ, “ଯେତେବେଳେ ଦେଶର ବିଭିନ୍ନ ରାଜ୍ୟରେ ନିର୍ବାଚନ ହେବ ବୋଲି ଘୋଷଣା ହେଲା, ମୁଁ ଖଡଗେଜୀଙ୍କୁ ଭେଟିଥିଲି। ତା’ପରେ ଆମେ ସ୍ଥିର କଲୁ ଯେ ପ୍ରଥମେ ଜମ୍ମୁ କଶ୍ମୀର ଯିବା ଉଚିତ। କାରଣ ଆମେ ଦେଶର ଲୋକଙ୍କୁ ଏକ ବାର୍ତ୍ତା ଦେବାକୁ ଚାହୁଁଛୁ ଯେ ଜମ୍ମୁ କଶ୍ମୀରର ପ୍ରତିନିଧିତ୍ୱ ଆମ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ସ୍ୱାଧୀନତା ପରେ ଭାରତ ଇତିହାସରେ ଏହା ପ୍ରଥମ ଥର ଘଟିଲା, ଯେଉଁଠି ଏକ ରାଜ୍ୟକୁ କେନ୍ଦ୍ରଶାସିତ ଅଞ୍ଚଳ କରାଗଲା।



## +୩ ନାମଲେଖା ପ୍ରକ୍ରିୟା ସମ୍ବନ୍ଧରେ ଉଚ୍ଚଶିକ୍ଷା ବିଭାଗର ବଡ଼ ନିଷ୍ପତ୍ତି

# ପ୍ରଥମ ପର୍ଯ୍ୟାୟରେ ନାମ ଲେଖାଇ ସାରିଥିବା ଛାତ୍ରଛାତ୍ରୀମାନେ ମଧ୍ୟ ଦ୍ୱିତୀୟ ପର୍ଯ୍ୟାୟରେ ଆବେଦନ କରିପାରିବେ

ଭୁବନେଶ୍ୱର, : ଚଳିତ ୨୦୨୪-୨୫ ଶିକ୍ଷାବର୍ଷରେ +୩ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ପ୍ରକ୍ରିୟା ସମ୍ବନ୍ଧରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନିଆଯାଇଛି । ପ୍ରଥମ ପର୍ଯ୍ୟାୟରେ ଅଂଶଗ୍ରହଣ କରି +୩ ପାଠ୍ୟକ୍ରମରେ ନାମ ଲେଖାଇ ସାରିଥିବା ଛାତ୍ରଛାତ୍ରୀମାନେ ମଧ୍ୟ ଦ୍ୱିତୀୟ ପର୍ଯ୍ୟାୟ ଆଡ଼ମିସନ୍ ପ୍ରକ୍ରିୟାରେ ଅଂଶଗ୍ରହଣ କରିପାରିବେ ବୋଲି ଆଜି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପ୍ରେସ ବାର୍ତା ମାଧ୍ୟମରେ ସୂଚନା ଦେଇଛନ୍ତି ।

ଶ୍ରୀ ସୂରଜ କହିଛନ୍ତି ଯେ, +୩ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ଗତ ଅଗଷ୍ଟ ମାସ ୧୨ ତାରିଖରୁ ଆରମ୍ଭ ହୋଇଛି ଏବଂ ଏହି ପ୍ରକ୍ରିୟା ଆସନ୍ତା ଅଗଷ୍ଟ ୨୬ ପର୍ଯ୍ୟନ୍ତ ଚାଲୁ ରହିବ। ଏହି ସମ୍ବନ୍ଧୀୟ ଏକ ଗାଇଡ଼ଲାଇନ୍ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ପ୍ରକାଶିତ ହୋଇଥିଲା ଯେଉଁଥିରେ ପ୍ରଥମ ପର୍ଯ୍ୟାୟରେ ନାମ ଲେଖାଇ ସାରିଥିବା ଛାତ୍ରଛାତ୍ରୀମାନେ ଦ୍ୱିତୀୟ ପର୍ଯ୍ୟାୟରେ ଅଂଶଗ୍ରହଣ କରିପାରିବେ ନାହିଁ ବୋଲି ଉଲ୍ଲେଖ ଥିଲା । ଏହି ସମ୍ବନ୍ଧୀୟ ସୂଚନା ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ମଧ୍ୟ ଆଡ଼ମିସନ ପ୍ରକ୍ରିୟା ଆରମ୍ଭରୁ କମନ୍ ପ୍ରସ୍ପେକ୍ଟସ୍- ୨୦୨୪-୨୫ ମାଧ୍ୟମରେ ଉଚ୍ଚଶିକ୍ଷା ବିଭାଗ ତରଫରୁ ଜଣାଇ ଦିଆଯାଇଥିଲା । କିନ୍ତୁ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ଆରମ୍ଭ ହେବାପରେ ବହୁ ଛାତ୍ରଛାତ୍ରୀ ଓ ଅଭିଭାବକ ମାନଙ୍କ ପକ୍ଷରୁ ଗାଇଡ଼ଲାଇନ୍ ରେ ସଂଶୋଧନ କରି ପ୍ରଥମ ପର୍ଯ୍ୟାୟରେ ନାମ ଲେଖାଇ ସାରିଥିବା ଛାତ୍ରଛାତ୍ରୀଙ୍କୁ ନିଜ ମନପସନ୍ଦର କଲେଜ୍ ଓ ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ଆଉ ଥରେ ଏକ ସୁଯୋଗ ପ୍ରଦାନ କରିବାକୁ ଉଚ୍ଚଶିକ୍ଷା ବିଭାଗକୁ ଅନୁରୋଧ କରାଯାଇଥିଲା। ଏହି ସମ୍ବନ୍ଧରେ ଆଲୋଚନା କରିବା ପରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶ କ୍ରମେ ଉଚ୍ଚଶିକ୍ଷା ବିଭାଗ ନିଜର ନିଷ୍ପତିକୁ ବଦଳାଇଛି ଏବଂ ପୂର୍ବରୁ ଜାରି ହୋଇଥିବା ଗାଇଡଲାଇନ୍ ରେ ସଂଶୋଧନ କରାଯାଇଛି । ପ୍ରଥମ ପର୍ଯ୍ୟାୟରେ ନାମ ଲେଖାଇସାରିଥିବା ଛାତ୍ରଛାତ୍ରୀମାନେ ଦ୍ୱିତୀୟ ପର୍ଯ୍ୟାୟରେ ପୁଣି ଥରେ ଆବେଦନ କରିପାରିବେ ବୋଲି ନିଷ୍ପତି ନିଆଯାଇଛି। ଆଡ଼ମିସନ ପ୍ରକ୍ରିୟାରେ ହୋଇଥିବା ଏହି ସଂଶୋଧନ ଅନେକ ଛାତ୍ରଛାତ୍ରୀମାନଙ୍କୁ ଆଉ ଏକ ନୂତନ ସୁଯୋଗ ପ୍ରଦାନ କରିବ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ମତପ୍ରକାଶ କରିଛନ୍ତି । ସେ କହିଛନ୍ତି ଯେ, ଆମ ଛାତ୍ରଛାତ୍ରୀମାନେ ହେଉଛନ୍ତି ଆମ ରାଜ୍ୟ ତଥା ଦେଶର ଭବିଷ୍ୟତ । ତାଙ୍କର ସ୍ୱର୍ଣ୍ଣିମ ଭବିଷ୍ୟତ ନିର୍ମାଣ କରିବାରେ ଶିକ୍ଷାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଆଜିର ଏହି ନିଷ୍ପତି ମାଧ୍ୟମରେ ଛାତ୍ରଛାତ୍ରୀମାନେ ଉପକୃତ ହେବେ ବୋଲି ମୋର ଆଶା ଓ ବିଶ୍ୱାସ । ଆଜିର ଏହି ନିଷ୍ପତି ପରେ ଛାତ୍ରଛାତ୍ରୀ ଓ ଅଭିଭାବକ ମହଲରେ ଖୁସିର ଲହର ପରିଲକ୍ଷିତ ହୋଇଛି । ଅନେକ ଛାତ୍ରଛାତ୍ରୀ ଆଜି ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ସାକ୍ଷାତ କରି କୃତଜ୍ଞତା ଜ୍ଞାପନ କରିଛନ୍ତି।



# କଳିଙ୍ଗ ନଗରରେ ବଢୁଛି ପ୍ରଦୂଷଣ କମୁଛି ଆୟୁଷ,ଦୁଃଖରେ ଜୀବନ

## ବଢୁଛି ବାୟୁରେ ବିଷ କମୁଛି ଆୟୁଷ,ଗଡୁଛି ମୁଣ୍ଡ, ଖୋଲୁନି ତୁଣ୍ଡ



କଳିଙ୍ଗନଗର : କଳିଙ୍ଗ ନଗର ଶିଳ୍ପୀ ରାଜଧାନୀ କିନ୍ତୁ ଏହି ଅଞ୍ଚଳରେ ଲୋକଙ୍କ ଜୀବନ ବିପତରେ ବଢୁଛି ବାୟୁ ଓ ପାଣି ରେ ବିଷ କମୁଛି ଆୟୁଷ, ଗଡୁଛି ମୁଣ୍ଡ, ଖୋଲୁନି ତୁଣ୍ଡ, ଶିଳ୍ପାଞ୍ଚଳ ଚାରିପାଖରେ କାୟା ବିସ୍ତାର କଲାଣି କୀଡୀନି ଓ ଯକ୍ଷମା । କାରଖାନା ମାନଙ୍କର ସାମାଜିକ ଉତ୍ତରଦାୟିତ୍ୱବୋଧ ବୋଲି କିଛି ନାହିଁ ବୋଲି ଲାଗୁଛି ।କଳିଙ୍ଗନଗର ଶିଳ୍ପାଞ୍ଚଳ କୁ ଲାଗି ଚାରିପାଖରେ ଥିବା ଗାଁ ଗୁଡିକ ରେ କୀଡୀନି, ଯକ୍ଷମା, ଲିଭର ଆଦି ରୋଗୀ ଙ୍କର ସଂଖ୍ୟା ହୁ ହୁ ହୋଇ ବଢୁଛି, ଶିଳ୍ପ ପାଇଁ ଜମି ହରାଇ କାରଖାନା ପାଚେରୀ ପାଖରେ ରହି ପ୍ରଦୂଷଣ ବିଷ ରେ ଅତିଷ୍ଟ ଗାଁ ଗୁଡିକ ପାଇଁ ସମସ୍ତେ ପାଟି ବନ୍ଦ କରି ବସିଛନ୍ତି । କଳିଙ୍ଗନଗର ଶିଳ୍ପ ନଗରୀ ର ମାନ୍ୟତା ପାଇଛି ସତ କିନ୍ତୁ ଏହା ଚାରିପାଖରେ ଥିବା ପଂଚାୟତ ବାସୀ ଯଥା ଚାନ୍ଦିଆ, ପଙ୍କପାଳ, ଯଖପୁରା, ମାନତିରା, ମଙ୍ଗଳ ପୁର, ଧୂଳିଗଡ଼, ଓଲ୍ଲଳ, ସାରଙ୍ଗପୁର, ବାରଗଡିଆ ରେ ଥିବା ଗାଁ ଗୁଡିକ ରେ ଭେଣ୍ଡିଆ ଯୁବକ ମାନେ ମୃତ୍ୟୁ ମୁଖରେ ପଡୁଛନ୍ତି । ଶହ ଶହ ଶିଶୁ ଅନାଥ ଓ ମା ବିଧବା ହେଉଛନ୍ତି, ଏହାର କାରଣ ବାୟୁ ଓ ଜଳ ମାତ୍ରାଧିକ ପ୍ରଦୂଷଣ, କମ୍ପାନୀ ଓ କାରଖାନା କର୍ତୃପକ୍ଷ ନୀରବ, କମ୍ପାନୀ ମାନଙ୍କ ର ସାମାଜିକ ଉତ୍ତର ଦାୟିତ୍ୱ ବୋଧ କିଛି ଥିଲା ପରି ମନେ ହେଉନାହିଁ । କଣ ଜମି ହରାଇ ହକ ପାଇଁ ବାରମ୍ବାର କରିବାକୁ ପଡୁଥିବ ଆନ୍ଦୋଳନ, ଜମି ଅଧିଗ୍ରହଣ ଓ ଜନ ଶୁଣାଣୀ ରେ ଯେଉଁ ପ୍ରତିଶୃତି ଦେଉଛନ୍ତି ଚିମିନି ରୁ ଧୂଆଁ ବାହାରିବା ପରେ ଭୁଲିଯାଉଛନ୍ତି,କି କୌଣସି ନେତା ଙ୍କର ଆନ୍ତରିକତା ଥିବା ପରି ମନେ ହେଉନାହିଁ କାରଣ ଗୋଟେ ମଧ୍ୟ ମାଗଣା ସ୍ୱାସ୍ଥ୍ୟ ଶିବିର କି ସଚେତନତା କାର୍ଯ୍ୟକ୍ରମ ଏହି ଗାଁ ଗୁଡିକ ରେ ହେଉନାହିଁ, ଧୂଳିଗଡ଼ ପଂଚାୟତ ର ସୁଆଁଲ ଓ ନୀଳପଦା ଗ୍ରାମବାସୀ ଯକ୍ଷମା, କୀଡୀନି, ଶ୍ୱାସ ରେ ମୃତ୍ୟୁ ବରଣ କରୁଛନ୍ତି, ସୁକିନ୍ଦା ରୋଡ଼ ରେଳ ସାଇଡିଂର ପାଞ୍ଚ ଶହ ମିଟର ରେ ଥିବା ବସ୍ତି ବ୍ରହ୍ମଣ ସାହି, ସୁଆଁଲ, ଗୁଲସାହି, ନୀଳପଦା, ବେହେରା ସାହି, ମୁଣ୍ଡା ସାହି ଲୋକ ଜଳ ବାୟୁ ପ୍ରଦୂଷଣ ରେ ଅଣ ନିଶ୍ୱାସୀ ହୋଇ ବାରମ୍ବାର ପ୍ରଦୂଷଣ ବୋର୍ଡ ଓ ଜିଲ୍ଲା ପ୍ରଶାସନକୁ ଜଣାଇ ଲେ ସୁଦ୍ଧା କିଛି ନ ଶୁଣି ନୀରବ ରେ ଅଛନ୍ତି ପ୍ରଶାସନ,ଚେଇଁ ସୋଇଥିବ ଯିଏ ତାକୁ ଉଠେଇବ କିଏ, ପ୍ରଶାସନ ସବୁ ଜାଣିଶୁଣି ନିଦା ବିଷ୍ଣୁ ସାଜିଛି କାହାପାଇଁ ?ଜନଗଣଙ୍କ ସ୍ୱାର୍ଥ ପାଇଁ ଜୀବନ ପାଇଁ ସରକାର ଓ ପ୍ରଦୂଷଣ ବିଭାଗ ନା କମ୍ପାନୀ ଙ୍କ ସ୍ୱାର୍ଥ ପାଇଁ ତାହା ସାଧାରଣ ରେ ଆଲୋଚନା ହେଉଛି, ବଞ୍ଚି ଥାଉଁ ଥାଉଁ ସରକାର କୋଇଲା ଧୂଳି ଗୁଣ୍ଡରେ ଆଉ କେତେ ଦିନ ଲୋକଙ୍କୁ ସମାଧି ଦେବେ ? ଦୀର୍ଘ ତିନି ଦଶନ୍ଧି ଧରି ବିକାଶ ର ଦ୍ୱାହି ଦେଇ କମ୍ପାନୀ ମାନଙ୍କୁ ଜମି ଦେଇ ଅଞ୍ଚଳ ବାସୀ ବହୁ ମାରାତ୍ମକ ରୋଗ ରେ ଜୀବନ ଦେଉଛନ୍ତି, ଚିକିତ୍ସା ହେବା ପାଇଁ ଗରିବ ଲୋକଙ୍କର ପାଖରେ ଅର୍ଥ ର ଅଭାବ ରହୁଛି । ଯାହା ଫଳରେ ଶିଶୁ ମାନେ ବାହାରକୁ ଟଙ୍କା କେଇଟା ପାଇଁ ଦାଦନ ଖଟିବାକୁ ଚାଲାଣ ହେଉଛନ୍ତି, ଲୋକ ମାନେ ରୋଗ ଶଯ୍ୟାଶାୟୀ ହୋଇ ଦୁଇ ମୁଠା ଖାଇବାକୁ ପାଉନାହାନ୍ତି, ଏପରି ବହୁତ ଚିତ୍ର ଶିଳ୍ପ ନଗରୀ ସୁନାର ସୁକିନ୍ଦା ରେ ଦେଖିବାକୁ ମିଳୁଛି । ଏହା ବିଜୁ ବାବୁଙ୍କ ସ୍ୱପ୍ନ ର କଳିଙ୍ଗନଗର ପାଇଁ ଲଜ୍ୟା, ଉପହାସ ପରି ଲାଗୁଛି,କୋଟି କୋଟି ଟଙ୍କା ରେଳ ବିଭାଗ ସୁକିନ୍ଦା ରେଳ ଷ୍ଟେସନ ରୁ ଗୁଡୁସ ରୁ ଆୟ କରୁଥିବା ବେଳେ ବିସ୍ଥାପିତ କରୁନାହିଁ କାହିଁକି ରେଳ ବିଭାଗ ?ରେଳ ସାଇଡ କୁ ଲାଗି ନୀଳପଦା ର ଅଙ୍ଗନବାଡି କେନ୍ଦ୍ର ଶିଶୁ ମାନେ କୋଇଲା ଗୁଣ୍ଡ ଓ ଧୂଳିରେ ଘାଣ୍ଟି ହେଉଛନ୍ତି, ଶ୍ୱାସ ଓ ଚର୍ମ ରୋଗ ରେ ଶିକାର ହେଉଛନ୍ତି ଶିଶୁ ଗଣ,ବେଙ୍ଗ ପାଟିଆ ଦେଇ ଧୂଳିଗଡ଼ କୁସୁନ ପୁର ଯାଇଥିବା ବହୁ ପୁରାତନ ଗଣ୍ଡା ନାଳ ଟି ର ଜଳ ଜହର ହୋଇଛି, କାରଖାନା ରୁ ନିର୍ଗତ ବର୍ଜ୍ୟ ଜଳ ଗଣ୍ଡା ଜଳ ରେ ଛାଡ଼ିବା ଫଳରେ ଜଳ ପ୍ରଦୂଷିତ ହେଉଛି,ଜଳ କମିଛି ଗଣ୍ଡା କୂଳ ର ଚାଷୀ ମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି, ଚାଷ କରି ଗୁଜୁରାଣ ମେଣ୍ଟାଉଥିବା ଚାଷୀ ପାଣି ପାଇଁ ଚିନ୍ତା ରେ ଫସଲ ରେ ବିଷ ପାଣି ପକାଇଲେ ଚାଷ ହେଉନାହିଁ, ଗୋରୁ ଗାଈ ପାଣି ପିଇଲେ ରୋଗ ହେଉଛି, ଗାଧୋଇ ଲେ ଚର୍ମ ରୋଗ ହେଉଛି ।

# ଗୌଡଗୁଡ଼ା ଗ୍ରାମରେ, ହାମ୍ପ ସାଜିଛି ଯମ

ନବରଙ୍ଗପୁର, : ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ୍ ସଦର ଗ୍ରାମ ପଞ୍ଚାୟତ ଗୌଡ଼ଗୁଡା ଗ୍ରାମ ଠାରୁ, ଦିଗି ଗ୍ରାମ ପଞ୍ଚାୟତ ର କାର୍ଲୀଚୁଆଁ କୁ ସଂଯୋଗ କରୁଛି ଆର୍ ଡି ରାସ୍ତା । ଗୌଡଗୁଡା ପାଇକ ସାହି ଓ ଗୌଡ ସାହି ଠାରେ ଦୁଇଟି ବଡ଼ ବଡ଼ ସିମେଣ୍ଟ ରେ ତିଆରି ବିଦ୍ୟୁତ୍ ପଲ୍ କୁ ହାମ୍ପ ନିର୍ମାଣ କରି ରାସ୍ତା ମଝିରେ ରଖି ଯାତାୟତ କରୁଥିବା ଦେଖିବାକୁ ମିଳିଛି । ଯାତ୍ରୀ ମାନେ ଯାତାୟତ କରୁଥିବା ମଟର ସାଇକେଲ କିମ୍ବା କାର୍ ହାମ୍ପ ଅତକ୍ରମ କରିବା ବେଳେ, ଗାଡ଼ି ଗୁଡିକ ଲାଗିଯାଇ ଅନେକ ଲୋକ ଙ୍କ ଦୁର୍ଘଟଣା ଘଟି କାହାର ମୁଣ୍ଡ ଫାଟିଛି ତ, ଆଉ କାହାର ଗଡ ହାତ ଭାଙ୍ଗୁଛି । ୧୦ ଦିନ ମଧ୍ୟରେ ପ୍ରାୟ ୭ ଜଣ ଦୁର୍ଘଟଣା ରେ ଆଗତ ହୋଇଥିବା ଜଣା ପଡ଼ିଛି । ୩ ଦିନ ମଧ୍ୟରେ ଗୌଡଗୁଡା ଗ୍ରାମର ସୁକାନ୍ତ ସୁନା(୫୦) (ସୁନା ବାବୁ) ଦୁର୍ଘଟଣା ଘଟିଛି ।ନିଜର ପେଟ ପାଟଣ ପାଇଁ ପ୍ରତି ଦିନ ତେନ୍ତୁଳିଖୁଣ୍ଟି ଗୋଟିଏ ଦକାନ ରେ କାମ କରି ଫେରୁ ଥିବା ସମୟରେ, ହାମ୍ପ ଟି ଅତି ଉଞ୍ଚା ହେତୁ ସ୍କୁଟି ଟି ହାମ୍ପ ରେ ଲାଗି ଯାଇ ତଳେ ପଡ଼ି ଯାଇଥିଲେ । ଘଟଣା ସ୍ଥଳରେ ତାଙ୍କ ଡାହାଣ ଗଡ଼ ଭାଙ୍ଗି ଯାଇଥିଲା ।ତାଙ୍କୁ ପ୍ରଥମେ ତେନ୍ତୁଳିଖୁଣ୍ଟି ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ରେ ପ୍ରାଥମିକ ଚିକିତ୍ସା କରିବା ପରେ ,ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରେ ଡକ୍ଟର ରେଫର୍ କରିଥିଲେ । ପୁଣି ନବରଙ୍ଗପୁର ଡାକ୍ତର ପରିକ୍ଷଣ ପରେ କୋରାପୁଟ ରେଫର୍ କରିଥିବା ସୂଚନା ମିଳିଛି । ବର୍ତ୍ତମାନ ସେ



କୋରାପୁଟ ସରକାରି ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ରହିଛନ୍ତି । ପରିବାରର ଚାରି ପ୍ରାଣୀର ଏକମାତ୍ର ରୋଜଗାର ର ସାହାରା ସୁନା ବାବୁ ଏବେ ପରିବାର ଭରଣ ପୋଷଣ କୁ ନେଇ ଚିନ୍ତାରେ ଭାଙ୍ଗି ପଡିଛନ୍ତି । ଅପରପକ୍ଷେ ରେ ରାସ୍ତା ରେ ଥିବା ବିଦ୍ୟୁତ୍ ପଲ୍ ତୁରନ୍ତ ହଟାଇବା ସହିତ,ତୁରନ୍ତ ବ୍ଲକ୍ ପ୍ରଶାସନ କିମ୍ବା ଜିଲ୍ଲା ପ୍ରଶାସନ ତରଫରୁ ସୁନା ବାବୁ ଙ୍କୁ ସାହାଯ୍ୟ ସହଯୋଗ ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

# ଟାଉନ୍ ବଳାରାମପୁର ଗ୍ରାମ ରାସ୍ତାରେ କୃତ୍ରିମ ବନ୍ୟା ପରିସ୍ଥିତି



କେନ୍ଦ୍ରାପଡ଼ା, : କେନ୍ଦ୍ରାପଡ଼ା ପୌରାଞ୍ଚଳ ଅନ୍ତର୍ଗତ ଟାଉନ ବଳରାମପୁ ସୁନ୍ଦରାପାଳ ଗ୍ରାମର ୪ ନଂ ୱାର୍ଡରେ ଥିବା ବଗୁଦୋକାନ ଛକ ନିକଟରୁ ଶଂକରା ନନାଙ୍କ ଘର ପର୍ଯ୍ୟନ୍ତ ସାମାନ୍ୟ ବର୍ଷା ଜଳରେ ରାସ୍ତା ଉପରେ ଆଣ୍ଠୁଏ ଉଚ୍ଚର ପାଣିଜମି ଏକ ରକମ କୃତ୍ରିମ ବନ୍ୟା ଜଳ ପରିସ୍ଥିତି ସୃଷ୍ଟି କରୁଛି । ଏ ବିଷୟରେ ଗ୍ରାମବାସୀ ମାନେ ସୂଚନା ପ୍ରଦାନ କରି କହିଛନ୍ତି ଯେ - ସେମାନେ ଏହି ବର୍ଷାପାଣି ରାସ୍ତା ଉପରେ ଜମିରହିବା ଘଟଣା ପୌରାଞ୍ଚଳର ଯେତେ ଉଚ୍ଚପଦସ୍ଥ ଅଧିକାରୀମାନେ ଅଛନ୍ତି ସମସ୍ତଙ୍କୁ ସେମାନେ ଲିଖିତାକାରରେ ଜଣାଇଁଲେ ମଧ୍ଯ କେହି ସେମାନଙ୍କ କଥା କିଛି ଶୁଣୁ ନାହାନ୍ତି କି କିଛି ମଧ୍ଯ ବୁଝୁ ନାହାନ୍ତି । ପୌରପରିଷଦ ପକ୍ଷରୁ କରାଯାଇଥିବା ଅତ୍ୟନ୍ତ ନିମ୍ନ ମାନର ରାସ୍ତା କାମପାଇଁ ଉକ୍ତ କଂକ୍ରିଟ ଢଳେଇ ରୋଡଟି ସେହି ସ୍ଥାନରେ ଦବି,ଫାଟି, ଭାଂଗି ଯିବାଫଳରେ ଗ୍ରାମରେ ଡ୍ରେନେଜ ସିଷ୍ଟମ ଠିକ୍ ନଥିବାରୁ ବର୍ଷାଜଳ ଗୁଡିକ ଠିକ୍ ଭାବରେ ନିଷ୍କାସିତ ହୋଇ ନପାରି, ରାସ୍ତା ଉପରେ ପାଣିଜମି ସେଠାରେ ଏକ ରକମ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି କରୁଛି । ଏପରିକି ପ୍ରତିଦିନ ଇଛାପୁର ବଳଦେବଜୀଉଙ୍କ ମନ୍ଦିର ହେଉ କିମ୍ବା କେନ୍ଦ୍ରାପଡ଼ା ୧ ନଂ ବ୍ଲକ୍ କାର୍ଯ୍ୟାଳୟ ହେଉ ପ୍ରାୟ ଉକ୍ତ ରାସ୍ତାଦେଇ ରାସ୍ତା ଉପରେ ଜମି ରହିଥିବା ଅଣ୍ଠୁଏ ଉନ୍ନର ପଚା ପାଣିରେ ପସି ଶହ ଶହ ଲୋକଙ୍କ ସହିତ ଗାଡି ମୋଟର ଗୁଡିକ ମଧ୍ୟ ଯାତାୟତ କରିଥାଏ । ଗ୍ରାମବାସୀଙ୍କ ଠାରୁ ପ୍ରତିବର୍ଷ ପୌରସଂସ୍ଥା ପକ୍ଷରୁ ସରକାରୀ କର ବା ଟ୍ୟାକ୍ସ ମନମୁଖୀ ଆଦାୟ କରାଯାଉଥିଲେ ମଧ୍ଯ ଉକ୍ତ ରାସ୍ତା ମରାମତି କାର୍ଯ୍ୟ ଆଜି ପର୍ଯନ୍ତ କିଛି କରାଯାଇ ପାରିନଥିବା କଥା ଅତ୍ୟନ୍ତ କ୍ଷୋଭର ସହ କୁହନ୍ତି କିଛି ସ୍ଥାନୀୟ ଗ୍ରାମବାସୀ । ମ୍ୟୁନିସିପାଲିଟି ମଧ୍ୟରେ ଅନ୍ତର୍ଭୂକ୍ତ ଥିବା ପ୍ରାୟ ୨୧ ଗୋଟି ୱାର୍ଡର ବିଭିନ୍ନ ସମସ୍ୟା ଏବଂ ଉନ୍ନତି ମୂଳକ କାର୍ଯ୍ୟପାଇଁ କୋଟି କୋଟି ଟଙ୍କା ରାଜ୍ୟ ସରକାର ଦେଇ ଆସୁଥିଲେ ମଧ ଫଲସ୍ ବିଲ୍ କରି ଉପରୁ, ତଳ ପର୍ଯ୍ୟନ୍ତ ସମସ୍ତ ଟଙ୍କା ରାଜ ନେତାଙ୍କଠୁ ଆରମ୍ଭ କରି ଅଫିସରମାନଙ୍କ ପର୍ଯ୍ୟନ୍ତ ଭାଗବଣ୍ଟା କରି ନିଅନ୍ତି ବୋଲି ବିଶେଷ ସୂତ୍ରରୁ ଏକ ଖବର ନେବାରୁ ଜଣାପଡିଛି । ହେଲେ ୱାର୍ଡ ଗୁଡିକରେ ରାସ୍ତା ଘାଟଠୁ ଆରମ୍ଭ କରି ଲୋକଙ୍କର ରହିଥିବା ବାସସ୍ଥାନ ଓ ପାନୀୟ ଜଳ ପର୍ଯ୍ୟନ୍ତ ବିଭିନ୍ନ ସମସ୍ୟା ସେମିତି ବର୍ଷ ବର୍ଷ ଧରି ପଡି ରହିବା ଏବଂ କାର୍ଯ୍ୟକାରୀ ନହେବା କଥା ପୌରାଧକ୍ଷା ଶ୍ରୀମତୀ ସାହୁ ଓ ପୌରନିର୍ବାହୀ ଅଧିକାରୀଙ୍କୁ ସବିଶେଷ ତଥ୍ୟାବଳୀ ସହିତ ଅଭିଯୋଗ କରିବା ପରେ, ସେମାନେ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇ ରହିବା, କୌଣସି କଥା କର୍ଣ୍ଣପାତ ନକରିବା ଓ ନଶୁଣିବା ଘଟଣାକୁ ନେଇ ସହରରେ ବହୁ ଚର୍ଚ୍ଚା ଯୋର ଧରିଥିବା ବେଳେ, ଲୋକେ କିନ୍ତୁ ବାରମ୍ବାର ଅଭିଯୋଗ କରି ନାନାଦି ସମସ୍ୟାର ସମ୍ମୁଖୀନ ହେଉଥିବା ଜଣାପଡିଛି ।

# ଝୁପୁଡ଼ିରେ କଟୁଛି ରାତି, ଦଲାଲ୍ କବ୍‌ଜାରେ ଆବାସ ଗୃହ

ମାଲକାନଗିରି, : ମାଲକାନଗିରି ଜିଲ୍ଲା ପଡିଆ ବ୍ଲକ ପକ୍ଷରୁ ଆବାସ ଗୃହ କାର୍ଯ୍ୟାଦେଶ ପାଇବାର ବର୍ଷେ ବିତିବାକୁ ବସିଥିବା ବେଳେ ଏପର୍ଯ୍ୟନ୍ତ ଗୃହ ନିର୍ମାଣ କାର୍ଯ୍ୟ ଶେଷ ହୋଇପାରୁ ନାହିଁ । ଏପଟେ ଦଲାଲ ଜଣଙ୍କ ଆବାସ ଗୃହ ନିର୍ମାଣ କରିବାକୁ ପ୍ରତିଶ୍ରୁତି ଦେଇ ସବୁତକ ଟଙ୍କା ଉଠାଇ ନେବା ପରେ ଏବେ ଘର ନିର୍ମାଣ ପାଇଁ ଭୂଆଁ ବୁଲାଉଛି । ଫଳରେ ଝୁପୁଡ଼ିରେ ରାତି କାଟୁଛନ୍ତି ହିତାଧିକାରୀଙ୍କ ସହ ପରିବାର ବର୍ଗ । ପଡିଆ ସଦର ପଞ୍ଚାୟତ ଅନ୍ତର୍ଗତ କୁଞ୍ଚନପଲ୍ଲୀ ଗ୍ରାମର ଜଗା ମାଡ଼ି ୨୦୨୧- ୨୨ ଆର୍ଥିକ ବର୍ଷରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ପାଇଥିଲେ । ତେବେ ସେ ଚାଷବାସ କରି ଗୁଜୁରାଣ ମେଣ୍ଟାଉଥିବା ଯୋଗୁଁଆବାସ ଗୃହ ନିର୍ମାଣ କରିବାରେ ସକ୍ଷମ ନଥିଲେ । ତେଣୁ ସ୍ଥାନୀୟ ଅଞ୍ଚଳର ଜଣେ ଦଲାଲ୍ ଏହି ଆବାସ ଗୃହ କାର୍ଯ୍ୟ କରାଇଦେବାକୁ ପ୍ରତିଶ୍ରୁତି ଦେବା ସହ ଗୃହ ବାବଦକୁ ମିଳିଥିବା ଅନୁଦାନ ସବୁ ଉଠାଇ ନେଇଥିଲେ । ଦଲାଲ୍ ଜଣକ ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ ମଧ ପ୍ରାୟ ଏକ ବର୍ଷ ହେବ ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ ହୋଇ ପଡ଼ି ରହିଛି । ଏନେଇ ଜଗା ଓ ତାଙ୍କ ପରିବାର ଲୋକେ ଉକ୍ତ ଦଲାଲଙ୍କୁ ଗୃହ ନିର୍ମାଣ ନେଇ ବାରମ୍ବାର ଗୁହାରି କରୁଥିଲେ ମଧ ଦଲାଲ୍ ଜଣକ



କେବଳ ଆଶ୍ୱାସନା ଦେଇ ସମୟ ଅତିବାହିତ କରୁଥିବା ଜଗା ମାଡ଼ିଙ୍କ ସ୍ତ୍ରୀ ଯୋଗୀ ମାଡ଼ି କହିଛନ୍ତି । ଏପଟେ ଆବାସ ଗୃହ ନିର୍ମାଣ ଶେଷ ହୋଇପାରୁ ନଥିବାରୁ ତାଳ ଛପର କୁଡ଼ିଆରେ ଜଗାଙ୍କ ପରିବାର ଜୀବନ କାଟୁଥିବା ବେଳେ ଏହି ପରିବାର ପାଇଁ ଆଜି ବି ଆବାସ ଗୃହ ସାତ ସପନ ପାଲଟିଛି । ଆଦିବାସୀ ଅଧ୍ୟୁଷିତ ପଡିଆ ବ୍ଲକର ବିଭିନ୍ନ ପଞ୍ଚାୟତରେ ୪ ଶହରୁ ଊର୍ଦ୍ଧ୍ୱ ଆବାସ ଗୃହ ନିର୍ମାଣ କାର୍ଯ୍ୟ ଦଲାଲଙ୍କ କବଜାରେ ରହିଥିବା ବେଳେ ପ୍ରଶାସନିକ ସ୍ଥାଣୁତା ଲାଗି ଅଧାପନ୍ତରିଆ ଅବସ୍ଥାରେ ପଡ଼ି ରହୁଥିବା ଦେଖିବାକୁ ମିଳିଛି । ଏନେଇ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ପଚାରିବାରୁ ହିତାଧିକାରୀଙ୍କ ଆକାଉଣ୍ଟକୁ ଟଙ୍କା ଛଡ଼ା ଯାଉଥିବା ବେଳେ ସେମାନେ ମଧ୍ୟସ୍ଥି ଜରିଆରେ ଘର କାର୍ଯ୍ୟ କରୁଛନ୍ତି । ତେବେ ଆବାସ ଗୃହ ଗୁଡ଼ିକର ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ ବୋଲି ସେ ଆଶ୍ୱାସନା ଦେଇଛନ୍ତି । ଏପରି ସ୍ଥିତିରେ ଜଗାଙ୍କ ଆବାସ ଗୃହ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ ବ୍ଲକରେ ଅଧାପନ୍ତରିଆ ପଡ଼ି ରହିଥିବା ଆବାସ ଗୃହ ଗୁଡ଼ିକୁ ତୁରନ୍ତ ସମ୍ପୂର୍ଣ୍ଣ କରିବାକୁ ସାଧାରଣରେ ଦାବି ହୋଇଛି ।

# ରାୟଗଡ଼ା ଜିଲ୍ଲା ରାମନାଗୁଡା ପୋଲିସ ଆଦିବାସୀଙ୍କୁ ମିଥ୍ୟା କେସ କରି ଗିରଫ କରିବା ପ୍ରତିବାଦରେ ବିକ୍ଷୋଭ ପ୍ରଦର୍ଶନ

ରାୟଗଡ଼ା : ଅଖିଳ ଭାରତ ଗ୍ରାମୀଣ କ୍ଷେତ ମଜଦୁର ସଭା (ଇଓଇଜଖଇ) ପକ୍ଷରୁ ୧୪ ଦଫା ଦାବି ନେଇ ଦେଶ ବ୍ୟାପି ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବି ପତ୍ର ପ୍ରଦାନ କରାଯାଉଛି ଏହି ଅବସରରେ ଆଜି ଅଖିଳ ଭାରତ ଗ୍ରାମୀଣ କ୍ଷେତ ମଜଦୁର ସଭା (ଇଓଇଜଖଇ) ରାୟଗଡା ଜିଲ୍ଲା କମିଟି ସଭାପତି ଶ୍ରୀ ତ୍ରିପତି ଗମାଙ୍ଗ ନେତୃତ୍ୱରେ ରାୟଗଡ଼ା ଡାକ ବଙ୍ଗଳା ଠାରୁ ଏକ ଶୋଭାଯାତ୍ରା ବାହାରି କପିଳାସ ଛକ ଦେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ ଓ ଧାରଣା କରିବା ସହ ୧୪ ଦଫା ଦାବି ରାୟଗଡ଼ା ଜିଲ୍ଲାପାଳଙ୍କୁ ଦାବି ପତ୍ର ପ୍ରଦାନ କରିଛନ୍ତି । ଉକ୍ତ ଦାବି ମଧ୍ୟରେ କ୍ଷେତ ମୁଲିଆ ମାନଙ୍କୁ




ଗଘଜରଏଇ ର କାମ ରେ ଶ୍ରମିକ ମାନଙ୍କୁ ବର୍ଷକୁ ୨୦୦ ଦିନ କାମ ଏବଂ ଦୈନିକ ୬୦୦ ଟଙ୍କା ମଜୁରୀ , ସେସନ୍ କାର୍ଡ ଧାରି ମାନଙ୍କୁ ୫୦ କେଜି ଚାଉଳ , ପ୍ରଧାନମନ୍ତ୍ରୀ ଆବାସ ଯୋଜନା ରେ ୫ ଲକ୍ଷ ଟଙ୍କା ପ୍ରଦାନ କରିବା, ବୁଲଡୋଜର ରାଜ ବନ୍ଦ କରିବା, ଦଳିତ ଗରିବଙ୍କ ପ୍ରତ୍ୟେକ ଘରକୁ ମାଗଣା ଜଳ ଏବଂ ୩୦୦ ୟୁନିଟ୍ ବିଦ୍ୟୁତ୍ ଯୋଗାଇବା, ରାମନାଗୁଡା ପୋଲିସ ତିନି ଜଣ ଆଦିବାସୀଙ୍କୁ ମିଥ୍ୟା କେସ କରି ଜେଲ ହାଜତକୁ ପଠାଇ ଦିଆଯାଇଛି ତୁରନ୍ତ ତାଙ୍କୁ ଖଲାସ କରିବା, ଏସ ଟି ଓ ଏସ୍ ସି ମାନଙ୍କୁ ସଂରକ୍ଷଣ କାଟିବା ବନ୍ଦ କରିବା, ଜଙ୍ଗଲ ଜମି ଓ ସିଲିଂ ବହିର୍ଭୁତ ଜମି ବଣ୍ଟନ କରିବା, ଆନ୍ଧ୍ର ପ୍ରଦେଶ ର ଜମିଦାର ବେ ଆଇନ ଜମି ରେଜିଷ୍ଟ୍ରେସନ ବାତିଲ କରିବା, ଗ୍ରାମୀଣ କ୍ଷେତ ମୁଲିଆ ମାନଙ୍କୁ ଶିକ୍ଷା ଏବଂ ସ୍ୱାସ୍ଥ୍ୟର ଅଧିକାର ଯୋଗାଇ ଦେବା, ସମସ୍ତ ଅବସରପ୍ରାପ୍ତ ଶ୍ରମିକ, ବୃଦ୍ଧ ଏବଂ ଭିନ୍ନକ୍ଷମଙ୍କୁ ମାସିକ ୫୦୦୦ ଟଙ୍କା ପେନସେନ ଯୋଗାଇବା, ପ୍ରକୃତ କୃଷକଙ୍କୁ ଚାଷ ପାଇଁ ଜମି ଯୋଗାଇବା, କେନ୍ଦ୍ର ଏବଂ ରାଜ୍ୟ ସରକାରମାନେ ଝଉ / ଝଞ ଉପ-ଯୋଜନା କାର୍ଯ୍ୟକାରୀ କରିବାକୁ ଆଇନ ଆଣିବା ଓ କେନ୍ଦ୍ରୀୟ ବଜେଟରେ ଏସସି / ଏସଟି ବିକାଶ ଏବଂ କଲ୍ୟାଣ ଯୋଜନା ପାଇଁ ପରିମାଣ ବୃଦ୍ଧି କରିବା, ଖାଦ୍ୟ ଅଧିକାର ଆଇନରେ ଚାଉଳ, ଗହମ ସହିତ,ଡାଲି, ତେଲ ଏବଂ ମସଲା ଯୋଗାଇବା, ପେସା ଆକ୍ଟକୁ କଡାକଡି ଭାବେ କାର୍ଯ୍ୟକାରୀ କରିବା ଓ ଗରିବ ଲୋକ ମାନଙ୍କ ଉପରେ ଆକ୍ରମଣ, ହତ୍ୟା ଏବଂ ବଳାତ୍କାରକୁ ବନ୍ଦ କରିବା, ମାଇକ୍ରୋ ଫାଇନାନ୍ସ କମ୍ପାନୀ ଗୁଡିକର ଅତ୍ୟାଚାର ଏବଂ ଲୁଟ୍ ରୋକିବା ପାଇଁ ଏକ ଆଇନ ପ୍ରସ୍ତୁତ କରିବା ଦାବି ପତ୍ର ରେ ଉଲ୍ଲେଖ ଥିଲା । ଉକ୍ତ କାର୍ଯ୍ୟକ୍ରମକୁ ଶରତ ଚନ୍ଦ୍ର ତ୍ରିପାଠୀ,କୈଳାସ ଶବର, ପ୍ରାସ୍କା ରାମଚନ୍ଦ୍ର , ଅନାସିମ ଶବର, ବୃନ୍ଦାବନ ଗୁନା, ଛବି ଲାଲ ହିହାଲ, ରାଜେନ୍ଦ୍ର ମାଝୀ, ଆଛାନା ମଣ୍ଡାଙ୍ଗି, ବନ ହୁଇକା, କାଣିକା ପାଣ୍ଡୁ, ନାଗ ରାଜୁ, ସୁଦଂର ମଣି ମିଣିଆକା, ପ୍ରକାଶ ମାଝୀ, କୃଷ୍ଣ ପାଲାକା ପରିଚାଳନା କରିଥିଲେ ।

## ସାଲିଆ ସାହିରେ ଦେଶୀ ମଦ କାରଖାନା ଚଢ଼ାଉ



ଭୁବନେଶ୍ୱର, : ସାଲିଆ ସାହିରେ ଚାଲୁଥିବା ଦେଶୀ ମଦ କାରଖାନା ଉପରେ ଚଢ଼ାଉ କରିଛି କମିଶନରେଟ ପୋଲିସ୍ । ଚଢ଼ାଉ ବେଳେ ସାଲିଆ ସାହିରେ ୩ଟି ଦେଶୀ ମଦ କାରଖାନା ଠାବ ହୋଇଛି । ସେଠାରୁ ବିପୁଳ ପରିମାଣର ଦେଶୀ ମଦ ଜବତ କରାଯାଇଛି । ଏହାସହ ବୁଲଡୋଜର ଲଗାଇ ଚୋରା ମଦ ଭାଟି ଭାଙ୍ଗିଛି କମିଶନରେଟ୍ ପୋଲିସ୍ । ଏହି ଦେଶୀ ମଦ କାରଖାନାରେ ରେଡ୍ ବେଳେ ଘର ଭିତରୁ ମିଳିଥିଲା ସିକ୍ରେଟ ଚାମ୍ବର । ଘର କାନ୍ଥ ଖୋଳି ଅଣ୍ଡରଗ୍ରାଉଣ୍ଡ କରାଯାଇଥିଲା । ତାରି ଭିତରେ ଚାଲିଥିଲା ଦେଶୀ ମଦ କାରବାର । ସିକ୍ରେଟ ଚାମ୍ବର ଭିତରେ ଥିଲା ସବୁ ପ୍ରକାର ସୁବିଧା । ଏମିତିକି ସେଠାରେ ୱାଇଫାଇ, ଏସି ଲାଗିଥିବା ସହ ବିଭିନ୍ନ ଆରାମଦାୟକ ସାମଗ୍ରୀ ମଧ୍ୟ ରହିଥିବାର ଦେଖିବାକୁ ମିଳିଛି ।

## ରାସ୍ତା ପାଲଟିଛି ମରଣଯନ୍ତା

ସତ୍ୟବାଦୀ: ସତ୍ୟବାଦୀ ସାରଙ୍ଗ ଯୋଡ଼ି ହାଟ ସିଡି ଠାରୁ ସୁଆଣ୍ଡୋ ଯିବା ନଦୀବନ୍ଧ ରାସ୍ତା ଯାହାକି ପୂର୍ବ ସତ୍ୟବାଦୀ କୁ ଯିବା ପାଇଁ ପ୍ରମୁଖ ରାସ୍ତା ହୋଇଥିବା ବେଳେ ଏହା ବର୍ତ୍ତମାନ ମରଣଯନ୍ତା ପାଲଟିଛି । ଦୈନିକ ଶହ ଶହ ସଂଖ୍ୟାରେ ଗାଡି ମଟର ଓ ପଥଚାରୀ ବିପଦଶଙ୍କୁଳ ରାସ୍ତାରେ ଯିବା ଆସିବା କରୁଥିଲେ ମଧ୍ୟ କର୍ତ୍ତୃପକ୍ଷଙ୍କ ଉଦାସୀନତା ଜନସାଧାରଣଙ୍କ ରୋଷର କାରଣ ହୋଇଛି ।



## ଜଗତସିଂହପୁର ପୌରାଞ୍ଚଳରେ ଜଳ ନିଷ୍କାସନ ସମସ୍ୟା

ଜଗତସିଂହପୁର : ଜଗତସିଂହପୁର ପୌରାଞ୍ଚଳରେ ବର୍ଷା ଦିନେ ଉଦବୃତ ବର୍ଷା ଜଳ ନିଷ୍କାସନ ଏକ ବଡ଼ ସମସ୍ୟା ଭାବରେ ଉଭା ହୋଇଛି । ଜଗତସିଂହପୁର ପୌରାଞ୍ଚଳର ନିର୍ଦ୍ଦିଷ୍ଟ ମାଷ୍ଟର ପ୍ଲାନ ନଥିବାରୁ ଗମନାଗମନ, ଜଳ ନିଷ୍କାସନ, ବିଦ୍ୟୁତ କରଣ, ପାନୀୟ ଜଳ ଯୋଗାଣ ଇତ୍ୟାଦି ବୃହତ ସମସ୍ୟା ଭାବେ ପରିଗଣିତ ହୋଇଛି । ପୋ ?ରାଞ୍ଚଳରୁ ଉଦବୃତ ଜଳ ନିଷ୍କାସନ ପାଇଁ ଥିବା ୩ଟି ଡ୍ରେନେଜ ସିଷ୍ଟମ ମଧ୍ୟରେ ମାଧପୁର ଡ୍ରେନେଜ, ପାଣିସାଳିଆ ଡ୍ରେନେଜ ଓ ନାଗପୁର ଡ୍ରେନେଜ ରହିଛି । ମାତ୍ର ଡ୍ରେନେଜ ଏରିଆକୁ ଜବରଦଖଲ କରି କେତେକ ପ୍ରଭାବଶାଳୀ ବ୍ୟକ୍ତି ବିଶେଷ ଗୃହ ନିର୍ମାଣ କରିବାରୁ ଜଳ ନିଷ୍କାସନ ବୃହତ ସମସ୍ୟା ପାଲଟିଛି । ବର୍ଷା ଦିନେ ଲଗାଣ ବର୍ଷା ହେଲେ ଜଳ ନିଷ୍କାସନ ହୋଇ ନପାରି ବନ୍ୟା ଜନିତ ପରିସ୍ଥିତି ମଧ୍ୟ ସୃଷ୍ଟି ହୋଇଥାଏ । ପୌରାଞ୍ଚଳରୁ ଜଳ ନିଷ୍କାସନ ସମସ୍ୟାକୁ ନେଇ ପ୍ରଶାସନ, ପୌର ପ୍ରଶାସନ ଓ ଡ୍ରେନେଜ ବିଭାଗ ପକ୍ଷରୁ ବିଶେଷ କୌଣସି ପଦକ୍ଷେପ ନିଆଯାଇନାହିଁ । ତେବେ ଦୀର୍ଘ ବର୍ଷ ବ୍ୟବଧାନ ପରେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ବିଧାନସଭାରେ ଜଗତସିଂହପୁର ପୌରାଞ୍ଚଳର ଡ୍ରେନେଜ ସମସ୍ୟାକୁ ନେଇ ପ୍ରଶ୍ନ ଉଠାଇଛନ୍ତି । ବିଧାୟକଙ୍କର ପ୍ରଶ୍ନର ଜବାବରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଦେଇଥିବା ଉତ୍ତର ପୌରାଞ୍ଚଳ ବାସୀଙ୍କୁ ଚକିତ କରାଇଛି । ମନ୍ତ୍ରୀଙ୍କ ଉତ୍ତରରେ



କୁହାଯାଇଛି ଯେ ଜଗତସିଂହପୁର ପୋ ?ରାଞ୍ଚଳରେ ଡ୍ରେନେଜ ମାଷ୍ଟର ପ୍ଲାନ ପ୍ରସ୍ତୁତ କରିବା ପାଇଁ ୨୦୨୦-୨୧ ଓ ୨୦୨୩-୨୪ରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ୧ କୋଟି ୭୫ ଲକ୍ଷ ଟଙ୍କା ପ୍ରଦାନ କରାଇଛନ୍ତି । ମନ୍ତ୍ରୀ ଏକଥା ମଧ୍ୟ କହିଛନ୍ତି ଯେ ପୌରାଞ୍ଚଳ ପକ୍ଷରୁ ମାଷ୍ଟର ପ୍ଲାନ ପ୍ରସ୍ତୁତ ପକ୍ରିୟା ଚାଲୁ ରହିଛି । ବିଡମ୍ବନାର ବିଷୟ ଯେ ୨୦୨୦-୨୧ ବର୍ଷରେ ପାଣିସାଳିଆ ଡ୍ରେନେଜକୁ ବକ୍ସ ଟାଇପ ଡ୍ରେନେଜ କରିବା ପାଇଁ ଯୋଜନା ପ୍ରସ୍ତୁତ ହୋଇଥିଲେ ମଧ୍ୟ କାମ ଅଧା ହୋଇ ପଡିରହିଛି । ଡ୍ରେନେଜ ସ୍ଥାନ ଚିହ୍ନଟ ଜନିତ ସମସ୍ୟା ଓ ମାଷ୍ଟର ପ୍ଲାନ ପ୍ରସ୍ତୁତିରେ ବିଫଳତା ପ୍ରସଙ୍ଗରେ ବିଧାୟକ କି ପ୍ରକାର ପଦକ୍ଷେପ ନେବେ ତାହା ଚର୍ଚ୍ଚାର ବିଷୟ ହୋଇଛି ।

## ପାରାଦୀପ ପୌରପାଳିକା ପକ୍ଷରୁ ବେଳାଭୂମି ସଫେଇ




ପାରାଦୀପ : ସ୍ଥାନୀୟ ସ୍ୱାୟତ ଶାସନ ଦିବସ ପାଳନ ଅବ୍ୟବାହିତ ପୂର୍ବରୁ ପାରାଦୀପ ପୌର ପାଳିକା ପକ୍ଷରୁ ଶନିବାର ଦିନ ସକାଳେ ପାରାଦୀପ ବେଳାଭୂମି ସଫେଇ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ପାରାଦୀପ ନଗରପାଳ ବସନ୍ତ ବିଶ୍ୱାଳଙ୍କ ଆହ୍ୱାନକ୍ରମେ ପାରାଦୀପ ପୌର ପରିଷଦର ପାରିଷଦମାନେ ଏବଂ ପାରାଦୀପର ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ସାମିଲ ହୋଇ ପାରାଦୀପ ସାଗର ବେଳାଭୂମି ସଫେଇ କରିଥିଲେ । ସଂଗୃହୀତ ଅଳିଆ ଗୁଡିକୁ ପୌର ପାଳିକାର ସଫେଇ କର୍ମଚାରୀମାନେ ଅଳିଆ ପୃଥକୀକରଣ କେନ୍ଦ୍ରକୁ ନେଇଥିଲେ । ଏହି ଅବସରରେ ଆୟୋଜିତ ସମାବେଶରେ ଯୋଗ ଦେଇଥିବା ସ୍ୱେଚ୍ଛାସେବୀମାନଙ୍କୁ ପାରାଦୀପ ଅନ୍ତେବାସୀଙ୍କୁ ଏଣେତେଣେ ଅଳିଆ ନପକେଇ ନିର୍ଦ୍ଧାରିତ ସ୍ଥାନରେ ରଖିବା ସହିତ ଘରକୁ ଘର ବୁଲି ଅଳିଆ ସଂଗ୍ରହ ଗାଡିରେ ପକାଇବାକୁ ପରାମର୍ଶ ଦେଇଥିଲେ ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା । ପାରାଦୀପର ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ଗୁଡିକ ଏହି କାର୍ଯ୍ୟରେ ସାମିଲ ହୋଇ ପାରାଦୀପର ପରିବେଶ ସୁରକ୍ଷା ଦିଗରେ ସହାୟକ ହୋଇଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ନଗରପାଳ ବସନ୍ତ ବିଶ୍ୱାଳ ।



# National Space Day: Celebrating the Cosmos on August 23rd



Nihar Ranjan Acharya

August 23rd has become a significant date for space enthusiasts and science aficionados, as it is recognized as National Space Day. This day offers a moment to reflect on humanity's quest to explore the cosmos, celebrate the achievements in space exploration, and ignite the imaginations of future generations who will carry the torch of discovery forward. Although traditionally observed on the first Friday of May, this August celebration allows us to once again pause and marvel at the universe's mysteries and our ongoing efforts to uncover them.

**The Significance of National Space Day**

National Space Day serves as a testament to the indomitable spirit of human curiosity and our relentless pursuit of knowledge. Since the dawn of civilization, humanity has looked to the stars with wonder, seeking to understand the vastness that lies beyond our planet. This innate curiosity has driven some of the most remarkable achievements in human history, from the ancient astronomers who charted the movements of the stars, to the engineers and scientists who sent humans to the Moon. The significance of National Space Day lies in its ability to unite people across the globe in a shared celebration of these achievements. It is a day that transcends borders, as the pursuit of space exploration is a collective human endeavor. The technological advancements made through space exploration have not only expanded our understanding of the universe but have also had profound impacts on our daily lives, from satellite communications to advancements in medical technology.

Celebrating National Space Day on August 23rd is an opportunity to reflect on the milestones we have reached and to envision the future possibilities that await us. It is a day to honor the pioneers of space exploration—those who dared to dream of venturing beyond Earth's atmosphere—and to acknowledge the ongoing efforts of scientists, engineers, and astronauts who continue to push the boundaries of what is possible.




**Milestones in Space Exploration**

The history of space exploration is filled with awe-inspiring milestones that have captured the imagination of people worldwide. The launch of Sputnik 1 in 1957 marked the beginning of the space age, as humanity took its first steps toward exploring the cosmos. This was followed by Yuri Gagarin's historic flight in 1961, when he became the first human to orbit the Earth, demonstrating the potential for human spaceflight. Perhaps the most iconic moment in space exploration came in 1969, when NASA's Apollo 11 mission successfully landed humans on the Moon. Neil Armstrong's words, "That's one small step for [a] man, one giant leap for mankind," echoed around the world, symbolizing the triumph of human ingenuity and the collective effort of thousands of individuals who made the mission possible.

In the decades that followed, space exploration continued to advance, with missions to Mars, the launch of the Hubble Space Telescope, and the construction of the International Space Station (ISS). The ISS, a symbol of international cooperation, has been continuously inhabited since 2000, serving as a platform for scientific research and technological innovation.""On August 23rd, we celebrate these milestones and the countless others that have contributed to our understanding of the universe. We also look to the future, where new challenges and opportunities await.

**Inspiring Future Generations**

One of the most important aspects of National Space Day is its role in inspiring the next generation of explorers, scientists, and engineers. The future of space exploration depends on the curiosity and determination of young minds who are inspired to pursue careers in science, technology, engineering, and mathematics (STEM). Educators, parents, and mentors play a crucial role in nurturing this curiosity. National Space Day provides an opportunity to engage students in space-themed activities, such as stargazing, building model rockets, or visiting science museums and planetariums. These activities help to spark an interest in space exploration and encourage students to dream big.

Programs like NASA's Artemis program, which aims to return humans to the Moon and eventually send astronauts to Mars, serve as powerful motivators for young people. The prospect of exploring new worlds and making groundbreaking discoveries is an exciting one, and it is up to the current generation to pass on the torch of exploration to those who will follow.

**Engaging in Space-Themed Activities**

National Space Day is not just a day for reflection; it is also a day for action. Across the world, people celebrate this day by participating in a variety of space-themed activities. Whether you are an avid space enthusiast or a curious newcomer, there are many ways to get involved:

1. Stargazing: On the night of August 23rd, head outside and look up at the stars. Stargazing is a simple yet profound way to connect with the cosmos. With the help of a telescope or even just your eyes, you can observe planets, constellations, and perhaps even the International Space Station as it orbits the Earth.

2. Visiting Museums and Planetariums: Many science museums and planetariums offer special events and exhibits in honor of National Space Day. These institutions provide a wealth of information about space exploration, with interactive displays, lectures, and planetarium shows that bring the universe to life.

3. Watching Space Documentaries: For those who prefer to celebrate from the comfort of their homes, there are numerous documentaries and films about space exploration available to stream. These programs offer an in-depth look at the history of space exploration and the challenges faced by those who venture into the unknown.

4. Engaging on Social Media: Share your passion for space on social media using hashtags like #NationalSpaceDay. Join discussions, share fascinating facts about space, and connect with others who share your interest in the cosmos.

**Looking to the Future**

As we celebrate National Space Day on August 23rd, we also look to the future of space exploration with anticipation. The coming years are expected to bring remarkable advancements, from the return of humans to the Moon to the first manned missions to Mars. Private space companies like SpaceX and Blue Origin are revolutionizing space travel, making it more accessible and paving the way for a new era of exploration.

The future of space exploration is not just about scientific discovery; it is also about ensuring the survival and prosperity of humanity. As we explore new worlds, we may find solutions to some of the most pressing challenges facing our planet, from climate change to resource scarcity.

**Conclusion**

National Space Day on August 23rd is a celebration of human ingenuity, curiosity, and the endless possibilities that space exploration offers. It is a day to honor the achievements of the past, engage in activities that inspire and educate, and look forward to the future with hope and excitement. As we continue to explore the cosmos, we are reminded that the universe is vast, and our journey into its depths has only just begun. With each new discovery, we take one step closer to understanding the mysteries of the cosmos and our place within it.

*Founder and Working Director,*
*TRUST - a Science and Environment Lover Organization*
*Ph.8249775817*
*E-mail: nihar.acharya@rediffmail.com*

# JSW MG Motor India teases the 'Infinity Glass Roof' of its much-anticipate vehicle - MG Windsor

Bhubaneswar : JSW MG Motor India, in a latest video, has teased the 'Infinity Glass Roof' of its much-anticipated vehicle - MG Windsor, India's first Intelligent Crossover Utility Vehicle [CUV]. This innovation has a bespoke design that seamlessly fuses the outdoor environment with the plush cabin of the car, providing the occupants with a panoramic and immersive driving experience. With this expansive glass roof, proud owners of the MG Windsor can enjoy an uninterrupted connection with the outdoors, whether navigating through urban landscapes or the serene countryside. This one-of-a-kind feature not only adds a touch of luxury but also enhances the sense of space, resulting in an airy feel inside the advanced cabin, making every journey more enjoyable. The Infinity View Glass Roof perfectly complements the Windsor's elegant design, making it an ideal choice for Indian consumers who value both premium style and comfort. As the Indian road network and infrastructure continue to evolve, the need for CUVs has become progressively relevant.

# କେନାଲରେ ଫିଙ୍ଗି ଦେଲେ ଶହ ଶହ ବସ୍ତା ଅର୍ପଣ ଚାଉଳ !

ପୁରୀ/ଗୋପ(ଭିଓଭି): ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପ୍ରତିଷ୍ଠା ସମୟରେ ଓଡିଶାର ପୁର ପଲ୍ଲିରୁ ଭକ୍ତମାନେ ଶ୍ରଦ୍ଧାରେ ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଅର୍ପଣ କରିଥିବା ବସ୍ତା ବସ୍ତା ଚାଉଳକୁ ୪୦୭ ଟ୍ରକ୍‌ରେ ଆଣି ଶେଷରେ ଗୋପ-ନିମାପଡା ଶାଖା କେନାଲର ଗୋପ ନିକଟସ୍ଥ ବାୟାକୁଦା ଛକଠାରେ ପାଣିରେ ଫିଙ୍ଗି ଦେଉଥିବାର ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ଗତ ଜାନୁଆରୀ ୧୭ ତାରିଖରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ପରିକ୍ରମା ମାର୍ଗ ଲୋକାର୍ପଣ ହୋଇଥିଲା। ଏଥିପାଇଁ ସାରା ରାଜ୍ୟରେ ଅର୍ପଣ ରଥ ପରିକ୍ରମା କରିଥିଲା। ଭକ୍ତ ମାନେ ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଚାଉଳ, ନଡିଆ, ଗୁଆ ଏବଂ ଟଙ୍କା ଦାନ କରିଥିଲେ। ବିଭିନ୍ନ ବ୍ଲକ୍ ପ୍ରଶାସନ ଏବଂ ଗ୍ରାମ୍ୟ କମିଟି ମାନେ ସ୍ୱତନ୍ତ୍ର ଗାଡି ଯୋଗେ ସେଗୁଡିକୁ ପୁରୀ ପଠାଇଥିଲେ। ଭକ୍ତଙ୍କ ଠାରୁ ସଂଗୃହିତ ଏହି ଚାଉଳରେ ମହାପ୍ରସାଦ ଖେଚୁଡି ଏବଂ ମିଷ୍ଟାନ୍ନ ପ୍ରସ୍ତୁତ କରି ପ୍ରଭୁଙ୍କୁ ଅର୍ପଣ କରିବା ପରେ ଭକ୍ତଙ୍କ ମଧ୍ୟରେ ବାଂଟି ଦେବା ପାଇଁ ସୁଆର ମହାସୁଆର ନିଯୋଗକୁ ଶ୍ରୀମନ୍ଦିର ପ୍ରଶାସନ ଏହି ଦାୟିତ୍ୱ ଦେଇଥିଲା। ସୁଆର ମହାସୁଆର ନିଯୋଗକୁ ଏହି ଚାଉଳରୁ ପ୍ରାୟ ୫ଶହ କୁଇଂଟାଲ ଚାଉଳ ଦିଆଯାଇଥିବା ବେଳେ ଆଉ ପ୍ରାୟ ୧୪ ହଜାର କ୍ୱିଂଟାଲ ଚାଉଳ ବ୍ୟବହାର ଅନୁପଯୋଗୀ ନହୋଇ ଜିଲ୍ଲା ଯୋଗାଣ ବିଭାଗର ଗୋଦାମ ସମେତ ଶ୍ରୀଗୁଣ୍ଡିଚା ମନ୍ଦିର ଏବଂ ଅକ୍ଷୟପାତ୍ର ଫାଉଣ୍ଡେସନ ଗୋଦାମରେ ପଡି ଖତ ଖାଉଛି। ଦୀର୍ଘ ଦିନ ଧରି ପଡି ରହିବା ଦ୍ୱାରା ଚାଉଳ ଗମୁରା ହେବା ସହିତ ସେଥିରେ ପୋକ ଲାଗି ଗଲେଣି। ତେଣୁ ଏହି ଚାଉଳକୁ କଣ କରାଯିବ, କିପରି ବ୍ୟବହାର କରାଯିବ ସେଥିଲାଗି ଶ୍ରୀମନ୍ଦିର ପ୍ରଶାସନ ଚିନ୍ତାରେ ପଡିଥିବା ବେଳେ ଗତ ୫ ତାରିଖରେ ଅନୁଷ୍ଠିତ ହୋଇଥିବା ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଏହି ପ୍ରସଙ୍ଗ ଉଠି ସରକାରଙ୍କ ସହିତ ଆଲୋଚନା କରି ଏ ଦିଗରେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ନିଷ୍ପତି ଗ୍ରହଣ ହୋଇଥିଲା। ମାତ୍ର ଗତ ୧୮ ତାରିଖ ଦିନ ଶ୍ରୀମନ୍ଦିର ଉତରଦ୍ୱାର ଗୁମୁଟରେ ପ୍ରାୟ ଦୁଇମାସ ଧରି ରଖାଯାଇଥିବା କିଛି ଚାଉଳକୁ ବିଶୋଧନ କରାଯିବା ପାଇଁ ଗୋପ ଅଂଚଳର ଏକ ମିଲ୍ କୁ ୪୦୭ ଟ୍ରକ ଯୋଗେ ନିଆଯାଇଥିଲା। ସେଠାରେ ବିଶୋଧନ ପରିବର୍ତେ ତିନିଦିନ ପରେ ସେହି ଟ୍ରକ୍ ରେ ଉକ୍ତ ଚାଉଳକୁ ନେଇ କେନାଲ ପାଣିରେ ଫିଙ୍ଗା ଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣା ଜଗନ୍ନାଥ ପ୍ରେମୀ ଭକ୍ତଙ୍କ ଭାବାବେଗକୁ ଗଭୀର ଆଘାତ ଦେଇଛି ଏବଂ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ପ୍ରଶାସନର ଏଭଳି ଅବହେଳାର ଉଚ୍ଚ ସ୍ତରୀୟ ତଦନ୍ତ ଏବଂ କାର୍ଯ୍ୟାନୁଷ୍ଠାନ ପାଇଁ ସାଧାରଣରେ ଦାବି ହେଉଛି।

# ହଜାର ହଜାର ସ୍ମାର୍ଟ ମିଟର ଖୋଲି ଫେରାଇ ଦେଲେ



ବରଗଡ଼/ଭଟଲି, : ବର୍ତ୍ତମାନ ବରଗଡ ଜିଲ୍ଲାରେ ବିଦ୍ୟୁତ ବିତରଣର ସମ୍ପୂର୍ଣ୍ଣ ଦାୟିତ୍ୱ ଟାଟା ପାୱାର ହାତରେ ରହିଛି । ତାର ମନମୂଖୀ କାର୍ଯ୍ୟକଳାପ ଯୋଗୁଁ କେବଳ ଭଟଲି ନୁହେଁ ସବୁ ଅଞ୍ଚଳର ଚାଷୀ ତଥା ବିଦ୍ୟୁତ ଉପଭୋକ୍ତାମାନେ ଅତିଷ୍ଠ ହୋଇଗଲେଣି । ଏବେ ପ୍ରତ୍ୟେକ ଉପଭୋକ୍ତାଙ୍କୁ ସ୍ମାର୍ଟ ମିଟର ସଂଯୋଗ କରି ବିଦ୍ୟୁତ ବିତରଣ କରାଯାଉଛି ଓ ଏହି ସ୍ମାର୍ଟ ମିଟର ବାଧ୍ୟତାମୂଳକ ସଂଯୋଗ କରାଯାଉଛି । ଯାହାର ବିଦ୍ୟୁତ ବିଲ ପୂର୍ବରୁ ଲାଗିଥିବା ମିଟର ଅପେକ୍ଷା ବହୁତ ବେଶୀ । ଯଦ୍ୱାରା ଚାଷୀ ତଥା ଉପଭୋକ୍ତାମାନେ ବିଦ୍ୟୁତ ବିଲ ପୈଠ କରିବାକୁ ଅକ୍ଷମ ହେଉଛନ୍ତି । ତେଣୁ ଆଜି ଭଟଲି ରଥଦାଣ୍ଡ ପଡିଆଠାରେ ଭଟଲି ବ୍ଲକର ଶହ ଶହ ଚାଷୀ ତଥା ଉପଭୋକ୍ତା ନିଜର ସ୍ମାର୍ଟ ମିଟର ନେଇ ଏକତ୍ରିତ ହୋଇଥିଲେ । ଚାଷୀ ସଂଗଠନର ସଦସ୍ୟ ମାନେ ସରକାରଙ୍କ ଚାଷୀ ମାରଣ ନୀତି ଉପରେ ନିଜ ନିଜ ବକ୍ତବ୍ୟ ରଖିଥିଲେ। ନବ ନିର୍ବାଚିତ ସରକାର ୩୦୦ ୟୁନିଟ୍ ବିଦ୍ୟୁତ୍ ମାଗଣା ଦେବା ନିଜ ନିର୍ବାଚନୀ ଇସ୍ତାହାରରେ ଉଲ୍ଲେଖ କରିବା ସହିତ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପଧାନ ନିଜ ନିର୍ବାଚନୀ ଭାଷଣରେ ମଧ୍ୟ ଅନୁରୂପ ମନ୍ତବ୍ୟ ଦେଇଥିଲେ। ଆଜି ପର୍ଯ୍ୟନ୍ତ ସରକାର ଏହା ଉପରେ କୌଣସି ମତ ରଖି ନାହାନ୍ତି କି ପଦକ୍ଷେପ ନେଇ ନାହାନ୍ତି। ଏହାର ପ୍ରତିବାଦରେ ଆଜି ରଥଦାଣ୍ଡ ପଡ଼ିଆରୁ ଏକ ବିରାଟ ଶୋଭାଯାତ୍ରାରେ ଶହ ଶହ ଚାଷୀ ଏବଂ ଉପଭୋକ୍ତା ବାହାରି ଭଟଲି ଉପଖଣ୍ଡ ବିଦ୍ୟୁତ କାର୍ଯ୍ୟାଳୟକୁ ଯାଇ ସମସ୍ତ ସ୍ମାର୍ଟ ମିଟର ଫେରାଇ ଟାଟା ପାୱାର ଉପରେ ଆକ୍ରୋଶ ମୂଳକ ବିରୋଧ ପ୍ରଦର୍ଶନ କରିଥିଲେ । ପ୍ରକାଶ ଥାଉକି ବିଗତ ତିନି ଚାରି ଦିନ ତଳେ ବରଗଡ ଜିଲ୍ଲା କେନ୍ଦପାଲି ଗ୍ରାମର ଉପଭୋକ୍ତାମାନେ ମଧ୍ୟ ଏହି ପନ୍ଥା ଅବଲମ୍ବନ କରିଥିବାର ଦେଖାଯାଇଥିଲା । ଆଗାମୀ ଦିନରେ ଏହି ଆନ୍ଦୋଳନ ବିରାଟ ରୂପ ନେବ ବୋଲି ଚାଷୀଙ୍କ ପ୍ରତିକ୍ରିୟାରୁ ଜଣାପଡୁଛି। ଏହି ଆନ୍ଦୋଳନରେ ସଂଯୁକ୍ତ କୃଷକ ସଙ୍ଗଠନର ଚାଷୀ ନେତା ରମେଶ ମହାପାତ୍ର, ଭେଡେନ କୃଷକ ସଙ୍ଗଠନର ସୁଦାମ ପାତ୍ର, ରାଜବୋଡାସମ୍ବର କୃଷକ ସଙ୍ଗଠନର ଅରବିନ୍ଦ ପଣ୍ଡା, ଦଧିବାମନ କୃଷକ ସଙ୍ଗଠନର ଦେବେନ୍ଦ୍ର ପଧାନ, ବାରପାହାଡ କୃଷକ ସଙ୍ଗଠନର ଇଶାନ୍ତ ଭୋଇ ଏବଂ କୃଷକ ପରିବାରର ସର୍ବଶ୍ରୀ:- ଥବିର ସାହୁ,ଶାନ୍ତନୁ ମାଝୀ, ଗୋପାଳ ପଣ୍ଡା, ହେମନ୍ତ ସାହୁ, ଅକ୍ଷୟ ସାହୁ, ସୁରେନ୍ଦ୍ର ସାହୁ,ବିକ୍ରମ ପଧାନ,ବିଦ୍ୟାଧର ଖମାରୀ, ପ୍ରକାଶ ବାରିକ,ରବି ପଧାନ,ଅନନ୍ତ ସାହୁ, କନ୍ଦର୍ପ ବାରିକ ପ୍ରମୁଖ ନେଇଥିବା ବିଶ୍ୱସ୍ତ ସୂତ୍ରରୁ ପ୍ରକାଶ।

# ମଝି ରାସ୍ତାରେ ବିରାଟ ଖାଲ



ସତ୍ୟବାଦୀ, : ସତ୍ୟବାଦୀ ପରଜାପଡା ପଞ୍ଚାୟତର ଚିଲପାଟଣା ଛକ ଠାରୁ କଳାପାହାଡ଼ ରାସ୍ତା ମଝିରେ ଏକ ବିରାଟ ଖାଲ ସୃଷ୍ଟି ହୋଇ ଗମନାଗମନ ବାଧା ଦେଖା ଯାଉଛି। ଏହା ଗଲା କିଛି ଦିନ ହେଲା ହୋଇଥିଲେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷ ଏ ଯାଏଁ କିଛି ପଦକ୍ଷେପ ନେଇ ନାହାଁନ୍ତି । ଏହି ଖାଲ ଦ୍ୱାରା ଯେ କୌଣସି ସମୟରେ ବଡ଼ ଦୁର୍ଘଟଣା ଘଟି ଧନଜୀବନ ନଷ୍ଟ ହୋଇପାରେ ବୋଲି ସ୍ଥାନୀୟ ଲୋକମାନେ ଆଶଙ୍କା ପ୍ରକାଶ କରିଛନ୍ତି।

# ୫ଟି ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତୀକ୍ଷା ଗୃହରୁ ଖସିଲା ସିଲିଂ



ସାକ୍ଷୀଗୋପାଳ : ସାକ୍ଷୀଗୋପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତୀକ୍ଷା ଗୃହ ସିଲିଂ ବର୍ଷା ଯୋଗୁଁ ହଠାତ ଖସି ପଡିଥିଲା । ମାତ୍ର ଏଠାରେ ଚିକିତ୍ସା ନିମନ୍ତେ ଅପେକ୍ଷା କରିଥିବା କିଛି ରୋଗୀ ଓ ତାଙ୍କ ସହାୟକ ମାନେ ଦୁର୍ଘଟଣାରୁ ଅଳ୍ପକେ ବର୍ତିଯାଇଥିଲେ। ପୂର୍ବତନ ସରକାରଙ୍କ ୫ଟି ଅଧୀନରେ ହୋଇଥିବା ଏହି ନିର୍ମାଣ କାର୍ଯ୍ୟ ଚଳିତ ବର୍ଷ ଫେବୃଆରୀ ମାସ ୨୬ରେ ପୂର୍ବତନ ବିଧାୟକ ଉମାକାନ୍ତ ସାମନ୍ତରାୟଙ୍କ ଦ୍ୱାରା ଉଦଘାଟନ ହୋଇଥିଲା । ଏକ କୋଟି ଟଙ୍କା ବେୟରେ ପୂର୍ତ୍ତ ବିଭାଗ ତରଫରୁ ଏଠାରେ ପ୍ରତୀକ୍ଷାଳୟ, ପଞ୍ଜିକରଣ ଗୃହ, ଔଷଧ ବିତରଣ କେନ୍ଦ୍ର, ୱାର୍ଡ ଛାତ ମରାମତି କରାଯାଇଥିଲା । ଅତି ପୁରାତନ ଛାତ ହୋଇଥିବାରୁ ଛାତରୁ ଅତଡ଼ା ଖସୁଥିବା ବେଳେ ତାହାର ନବନିର୍ମାଣ ନକରି କେବଳ ଗ୍ରେଡିଙ୍ଗ କରି ଦିଆଯାଇଥିଲା । ଫଳରେ ଅନେକ ସ୍ଥାନରେ ପାଣି ଗଳୁଥିବାର ଦେଖାଯାଇଥିଲା। କେବଳ ସିଲିଂ କରି ଏହାକୁ ଲୁଚେଇ ଦିଆଯାଇଥିଲା। ତେବେ ପୂର୍ତ୍ତ ବିଭାଗ ଅଧିକାରୀ ଏହି ସମସ୍ତ କଥାକୁ ଅଣଦେଖା କରି ଏଭଳି ଏକ ବିପଦ ପୂର୍ଣ୍ଣ ନିର୍ମାଣ କାର୍ଯ୍ୟ କାହିଁକି ଏବଂ କାହା ସ୍ୱାର୍ଥରେ କରିଥିଲେ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଡାକ୍ତରଖାନା ଭଳି ସର୍ବସାଧାରଣ ସ୍ଥାନରେ ଏଭଳି ନିମ୍ନ ମାନର କାର୍ଯ୍ୟ ବିରୁଦ୍ଧରେ କାହିଁକି ଡାକ୍ତରଖାନାର କର୍ତ୍ତୃପକ୍ଷ ଚୁପ ରହିଥିଲେ। ତାହା ମଧ୍ୟ ଆଲୋଚନାର ବିଷୟ ପାଲଟିଛି। ସିଲିଂ ଖସିବା ସମ୍ପର୍କରେ ପୂର୍ତ୍ତ ବିଭାଗ ଯନ୍ତ୍ରୀଙ୍କୁ ପଚାରିବାରୁ ସେ କୌଣସି ମତାମତ ଦେବାକୁ ମନା କରିଥିଲେ । ସାକ୍ଷୀଗୋପାଳ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡାକ୍ତର ଦେବାଶିଷ ନାୟକ କହିଛନ୍ତି, ମୁଁ ରୋଗୀଙ୍କୁ ଚିକିତ୍ସା କରୁଥିଲି ଖବର ପାଇ ଦେଖିବାକୁ ପାଇଲି ପ୍ରତୀକ୍ଷା ଗୃହରୁ ସିଲିଂ ଖସିଛି। ଏ ସମ୍ପର୍କରେ ଆମ୍ଭେ ଏହି କାର୍ଯ୍ୟ କରିଥିବା ଉକ୍ତ ବିଭାଗର ଏସଡିଓଙ୍କୁ ଫୋନ କରିଥିଲୁ ହେଲେ ସେ ଫୋନ ନ ଉଠାଇ କାଟିଦେଇଥିଲେ । ଏହି କାର୍ଯ୍ୟ ଅତି ନିମ୍ନ ମାନର ହୋଇଥିବାରୁ ଉଦଘାଟନର କିଛି ମାସ ମଧ୍ୟରେ ଏଭଳି ଦୁର୍ଘଟଣା ଘଟିଲା । ଏ ସମ୍ପର୍କରେ ସାମାଜିକ କର୍ମୀ ରମାବଲ୍ଲଭ ବରାଳ କ୍ଷୋଭ ପ୍ରକାଶ କରିବା ସହିତ ଏହି ଘଟଣାର ଭିଜିଲାନ୍ସ ତଦନ୍ତ ପାଇଁ ସରକାରଙ୍କୁ ନିବେଦନ କରିଛନ୍ତି। ନିର୍ମାଣ କାର୍ଯ୍ୟ ଚାଲୁଥିବା ବେଳେ ସେ ନିମ୍ନମାନର କାର୍ଯ୍ୟ ନେଇ ସାମାଜିକ ଗଣମାଧ୍ୟମରେ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ଡାକ୍ତରଖାନା କର୍ତ୍ତୃପକ୍ଷ ହୁଅନ୍ତୁ ଅବା ସାଧାରଣ ଜନତା କେହି ବି ପ୍ରତିବାଦ କରିନଥିଲେ । ଫଳସ୍ୱରୂପ ଏଭଳି ଏକ ଦୁର୍ଘଟଣା ଘଟିଲା, ଆଗକୁ ମଧ୍ୟ ଆହୁରି ଅଘଟଣ ଘଟିବା ନେଇ ସେ ଆଶଙ୍କା କରିଛନ୍ତି। ଏଭଳି ଏକ ସମ୍ବେଦନଶୀଳ ଘଟଣାକୁ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧିମାନେ ଗୁରୁତର ଭାବେ ନନେବା ଅତ୍ୟନ୍ତ ଦୁଃଖଦାୟକ ବୋଲି ସେ କହିଛନ୍ତି। ତେଣୁ ଏହି କାର୍ଯ୍ୟ ଉପରେ ବର୍ତ୍ତମାନର ସରକାର ଓ ସ୍ଥାନୀୟ ବିଧାୟକ ତୁରନ୍ତ ଉଚ୍ଚ ସ୍ତରୀୟ ତଦନ୍ତ କରିବାକୁ ଅଞ୍ଚଳବାସୀ ଅନୁରୋଧ କରିଛନ୍ତି।

# କେନ୍ଦୁଝରର ଯୁବକ ଯୁବତୀଙ୍କୁ ଦକ୍ଷତା ତାଲିମ୍ ପାଇଁ ଚୁକ୍ତି ସ୍ୱାକ୍ଷରିତ

କେନ୍ଦୁଝର : କେନ୍ଦୁଝର ଜିଲ୍ଲାର ଯୁବକ ଯୁବତୀଙ୍କୁ ଉତ୍ତମମାନର ଦକ୍ଷତା ବିକାଶ ତାଲିମ୍ ପ୍ରଦାନ କରି କର୍ମନିଯୁକ୍ତି ସୁଯୋଗ ପ୍ରଦାନ କରିବା ଉଦ୍ଦେଶ୍ୟରେ ଆଜି ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ ଅଧିକାରୀ ଏବଂ ଭୁବନେଶ୍ୱରର ତିନି ପ୍ରମୁଖ ସଂସ୍ଥାନ ମଧ୍ୟରେ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଜିଲ୍ଲାପାଳ ବିଶାଲ ସିଂହଙ୍କ ଉପସ୍ଥିତିରେ ଭୁବନେଶ୍ୱରର ସେଣ୍ଟ୍ରାଲ୍ ଟୁଲ୍ ରୁମ୍ ଆଣ୍ଡ୍ ଟ୍ରେନିଂ ସେଣ୍ଟର(ସିଟିଟିସି), ସେଣ୍ଟ୍ରାଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ପେଟ୍ରୋକେମିକାଲ୍ସ ଇଞ୍ଜିନିୟରିଂ ଆଣ୍ଡ୍ ଟେକ୍ନୋଲୋଜି ଏବଂ ଇନଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ୍ ମ୍ୟାନେଜମେଣ୍ଟ୍ ସହ ଏହି ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଏହି ଚୁକ୍ତିନାମା ଅନୁଯାୟୀ, ପ୍ରତିବର୍ଷ କେନ୍ଦୁଝର ଜିଲ୍ଲାରୁ ମେଟ୍ରିକ୍/ ଯୁକ୍ତଦୁଇ ଏବଂ ଆଇଟିଆଇ ଶିକ୍ଷା ଶେଷକରିଥିବା ୩୮୦ ଜଣ ଛାତ୍ରଛାତ୍ରୀଙ୍କୁ ଉପରୋକ୍ତ ତିନିଗୋଟି ସଂସ୍ଥାନ ଦକ୍ଷତା ବିକାଶ ପାଠ୍ୟକ୍ରମ ଉପରେ ତାଲିମ୍ ପ୍ରଦାନ କରିବେ। ଏହିପାଇଁ ୮ ଗୋଟି ପାଠ୍ୟକ୍ରମ ଚୂଡ଼ାନ୍ତ ହୋଇଥିବା ବେଳେ ଏ ସମ୍ବନ୍ଧୀୟ ସମସ୍ତ ଖର୍ଚ୍ଚ କେନ୍ଦୁଝର ଜିଲ୍ଲା ଖଣିଜ ପ୍ରତିଷ୍ଠାନ ବା ଡିଏମ୍ଏଫ୍ ବହନ କରିବ। ଏହି ପଦକ୍ଷେପ ଜିଲ୍ଲାର ଯୁବକ ଯୁବତୀମାନଙ୍କୁ, ବିଶେଷକରି ଖଣି ପ୍ରଭାବିତ ଅଞ୍ଚଳରୁ ଆସୁଥିବା ଜନଜାତି ବର୍ଗର ଯୁବକ ଯୁବତୀଙ୍କୁ ସ୍ୱଳ୍ପ ଅବଧି ମଧ୍ୟରେ ଗୁଣାତ୍ମକ କୌଶଳ ତାଲିମ୍ ପ୍ରଦାନ କରିବ। ଯାହାକି ସେମାନଙ୍କର କର୍ମନିଯୁକ୍ତିକୁ ସୁନିଶ୍ଚିତ କରିବାରେ ସହାୟକ ହେବ। ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ସିଂହ ଅଧିକ ସଂଖ୍ୟାରେ ଆଦିବାସୀ ଯୁବକ ଯୁବତୀଙ୍କୁ ଏହି ପାଠ୍ୟକ୍ରମରେ ପ୍ରାଥମିକତା ପ୍ରଦାନ ଉପରେ ଗୁରୁତ୍ୱାରୋପ କରି ସେମାନଙ୍କର ସମ୍ପୂର୍ଣ୍ଣ ଅଂଶଗ୍ରହଣକୁ ସୁନିଶ୍ଚିତ କରିବା ପାଇଁ କହିଛନ୍ତି। ଏଥିସହ ପ୍ରି-କାଉନସେଲିଂ, କର୍ମନିଯୁକ୍ତି ସୁନିଶ୍ଚିତ କରିବା, କର୍ମନିଯୁକ୍ତି ପାଇବାର ଏକ ବର୍ଷ ପର୍ଯ୍ୟନ୍ତ ସମସ୍ତଙ୍କ ଅଗ୍ରଗତିର ମୂଲ୍ୟାଙ୍କନ କରିବା ଏବଂ ନିରନ୍ତର ନିଯୁକ୍ତିକୁ ପ୍ରୋତ୍ସାହିତ କରିବା ପାଇଁ ସେ ସମସ୍ତ ସଂସ୍ଥାନମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାବାଦ୍ ଭାରତ ଦକ୍ଷତା ପ୍ରତିଯୋଗିତା ଏବଂ ବିଶ୍ୱ ଦକ୍ଷତା ପ୍ରତିଯୋଗିତାରେ ଯେଭଳି କେନ୍ଦୁଝରର ଯୁବକ ଯୁବତୀ ଅଧିକ ସଂଖ୍ୟାରେ ଭାଗନେବେ ସେ ଦିଗରେ ଯଥୋଚିତ ପଦକ୍ଷେପ ଗ୍ରହଣ ପାଇଁ ଜିଲ୍ଲାପାଳ ମତ ରଖିଛନ୍ତି।

# ସହରାଞ୍ଚଳରେ ଏସ୍‌ସି, ଏସ୍‌ଟି ବ୍ୟକ୍ତି ଜମି ବିକିପାରିବେ: ବାଟ ଫିଟାଇବେ ତହସିଲଦାର



କଟକ: ସହରାଞ୍ଚଳରେ ଅନୁସୂଚିତ ଜାତି (ଏସ୍‌ସି) ଓ ଅନୁସୂଚିତ ଜନଜାତି (ଏସଟି) ବର୍ଗର ବ୍ୟକ୍ତିଙ୍କ ନାଁରେ ଥିବା ଘରବାଡ଼ି ଜମି ଆଉ କୃଷି ଉପଯୋଗୀ ନୁହେଁ, ଆବାସିକ ଉଦ୍ଦେଶ୍ୟରେ ବ୍ୟବହାରଯୋଗ୍ୟ ବୋଲି ତହସିଲଦାର ରିପୋର୍ଟ ଦେବେ, ତାହାହେଲେ ଏହାର ବିକ୍ରି କ୍ଷେତ୍ରରେ ଆଉ କୌଣସି ପ୍ରତିବନ୍ଧକ ରହିବନାହିଁ। ସବ୍ ରେଜିଷ୍ଟ୍ରାର ଏ କ୍ଷେତ୍ରରେ ଆଉ ମନା କରି ପାରିବେନାହିଁ। ଏସ୍‌ସି-ଏସ୍‌ଟି ବର୍ଗର ବ୍ୟକ୍ତି ଅନ୍ୟ ବର୍ଗର ବ୍ୟକ୍ତିଙ୍କୁ ଘରବାଡ଼ି ଜମି କ୍ଷେତ୍ରରେ ଓଡ଼ିଶା ଲ୍ୟାଣ୍ଡ ରିଫର୍ମସ ଆକ୍ଟ, ୧୯୬୦ର ଧାରା ୨୨ରେ ଥିବା ବ୍ୟବସ୍ଥା ଲାଗୁ ହେବନାହିଁ ବୋଲି ଦର୍ଶାଇ ଦାୟର ମାମଲାରେ ହାଇକୋର୍ଟ ଏଭଳି କିଛି ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରିଛନ୍ତି। ହାଇକୋର୍ଟ କହିଛନ୍ତି ଯେ ଏଭଳି ଜମି ସହରାଞ୍ଚଳରେ କେବଳ ଅନ୍ତର୍ଭୁକ୍ତ ହୋଇଗଲେ ଧାରା ୨୨ ଲାଗୁରୁ ମୁକ୍ତ ହୋଇ ପାରିବନାହିଁ। ପ୍ରାଧିକୃତ ରାଜସ୍ୱ କର୍ତ୍ତୃପକ୍ଷଙ୍କୁ ଜମି ସଂକ୍ରାନ୍ତରେ ଏକ ତଦନ୍ତ ରିପୋର୍ଟ ଦେବାକୁ ପଡ଼ିବ। ଏହି ଜମି କେଉଁ ଉଦ୍ଦେଶ୍ୟରେ ବ୍ୟବହାରଯୋଗ୍ୟ, ସେ ନେଇ ତଦନ୍ତ ରିପୋର୍ଟ ରାଜସ୍ୱ କର୍ତ୍ତୃପକ୍ଷ ଦାଖଲ କରିବା ଆବଶ୍ୟକ। ସମ୍ବଲପୁର ପୌରାଞ୍ଚଳରେ ଘରବାଡ଼ି ଜମି ପ୍ରସଙ୍ଗକୁ ନେଇ ସମସ୍ତ ମାମଲା ଦାୟର ହୋଇଥିବା ବେଳେ ସଂପୃକ୍ତ ଅଞ୍ଚଳର ପ୍ରାଧିକୃତ ରାଜସ୍ୱ କର୍ତ୍ତୃପକ୍ଷ ବା ତହସିଲଦାର ଜମିର ବ୍ୟବହାରଯୋଗ୍ୟ ପ୍ରସଙ୍ଗରେ ମତ ଦେବେ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ଆବେଦନକାରୀ ତହସିଲଦାରଙ୍କୁ ଅନୁରୋଧ କରିବେ। ଏହା ପରେ ତହସିଲଦାର ପ୍ରତି ଜମିର ବ୍ୟବହାରଯୋଗ୍ୟ ପ୍ରସଙ୍ଗରେ ମତ ଦେବେ। ବର୍ତ୍ତମାନ ସ୍ଥିତିରେ ଜମି ଆଉ କୃଷି ଉଦ୍ଦେଶ୍ୟରେ ବ୍ୟବହାରଯୋଗ୍ୟ କି ନାହିଁ, ସେ ନେଇ ତହସିଲଦାର ୬୦ ଦିନ ଭିତରେ ମତ ଦେବେ। ରାଜସ୍ୱ କର୍ତ୍ତୃପକ୍ଷଙ୍କ ମତାମତକୁ ଆଧାର କରି ଆବେଦନକାରୀ ପୁଣି ଜମି ବିକ୍ରି କବଲା ପଞ୍ଜୀକରଣ ପାଇଁ ପଞ୍ଜୀକରଣ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇ ପାରିବେ। ଜଷ୍ଟିସ ବି.ପି.ରାଉତରାୟଙ୍କୁ ନେଇ ଗଠିତ ଖଣ୍ଡପୀଠ ହେମନ୍ତ ନାୟକ ଓ ଅନ୍ୟ ୬୦ଜଣଙ୍କ ଆବେଦନର ଶୁଣାଣି କରି ଏପରି ରାୟ ପ୍ରଦାନ କରିଛନ୍ତି।

# ଡାକ୍ତରଙ୍କୁ ସୁପ୍ରିମକୋର୍ଟଙ୍କ ଆଶ୍ୱାସନା

## ପ୍ରଥମେ କାର୍ଯ୍ୟକୁ ଫେରନ୍ତୁ, ପରେ କିଛି ବି ହେଲେ ଆମକୁ ଜଣାନ୍ତୁ






ନୂଆଦିଲ୍ଲୀ : କୋଲକାତା ଆରଜି କର ମେଡିକାଲ କଲେଜ ଓ ହସ୍ପିଟାଲରେ ଟ୍ରେନି ଡାକ୍ତରଙ୍କୁ ଦୁଷ୍କର୍ମ ଓ ହତ୍ୟା ଘଟଣା ଉପରେ ଆଜି ସୁପ୍ରିମକୋର୍ଟରେ ଶୁଣାଣି ହୋଇଛି। ଏହି ଘଟଣାକୁ ନେଇ ଏମ୍ସ ରେସିଡେଣ୍ଟ ଡାକ୍ତରମାନେ କରିଥିବା ଆବେଦନ ଉପରେ ଶୁଣାଣି କରି ସର୍ବୋଚ୍ଚ ଅଦାଲତ ଡାକ୍ତରମାନଙ୍କୁ କାର୍ଯ୍ୟରୁ ଫେରିଯିବାକୁ ଆହ୍ୱାନ କରିଛନ୍ତି। ଆଇନ ତା ବାଟରେ କାର୍ଯ୍ୟ କରୁଛି। ଡାକ୍ତରମାନଙ୍କୁ ସେମାନଙ୍କ କାର୍ଯ୍ୟ ଜାରି ରଖିବା ଉଚିତ୍ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ଏଥିସହ ମେଡିକାଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଆନ୍ଦୋଳନରେ ଥିବା ଡାକ୍ତରଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯିବ ନାହିଁ ବୋଲି ଆଶ୍ୱାସନା ଦେଇଛନ୍ତି ସୁପ୍ରିମକୋର୍ଟ। ପ୍ରକାଶ ଥାଉକି, ଆରଜି କର ହସ୍ପିଟାଲରେ ଟ୍ରେନି ଡାକ୍ତରଙ୍କୁ ଦୁଷ୍କର୍ମ ଓ ହତ୍ୟାକୁ ନେଇ ହଜାର ହଜାର ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀମାନେ ସୁରକ୍ଷା ଦାବି ନେଇ ରାଜରାସ୍ତାକୁ ଓହ୍ଲାଇଛନ୍ତି। ଏନେଇ ନାଗପୁର ଏମ୍ସ ରେସିଡେଣ୍ଟ ଡାକ୍ତରମାନେ ସୁପ୍ରିମକୋର୍ଟରେ ଏକ ଆବେଦନ କରିଥିଲେ। ସେମାନେ ଆନ୍ଦୋଳନରେ ଥିବାରୁ ସେମାନଙ୍କ କାଜୁଆଲ ଛୁଟି କାଟି ଦିଆଯାଉଛି ଏବଂ ହସ୍ପିଟାଲରେ ସେମାନଙ୍କ ସୁରକ୍ଷା ନିଶ୍ଚିତ କରିବାକୁ ଦାବି କରିଥିଲେ। ଆଜି ସର୍ବୋଚ୍ଚ ଅଦାଲତର ପ୍ରଧାନ ବିଚାରପତି ଜଷ୍ଟିସ ଡି.ଓ୍ୱାଇ ଚନ୍ଦ୍ରଚୂଡ, ଜଷ୍ଟିସ ଜେ.ବି ପାରଦିବାଲା ଏବଂ ଜଷ୍ଟିସ ମନୋଜ ମିଶ୍ରାଙ୍କୁ ନେଇ ଗଠିତ ତିନି ଜଣିଆ ଖଣ୍ଡପୀଠ ଏ ଉପରେ ଶୁଣାଣି କରିଛନ୍ତି। ଶୁଣାଣି ସମୟରେ ପ୍ରଧାନ ବିଚାରପତି ଚନ୍ଦ୍ରଚୂଡ କହିଛନ୍ତି, 'ସମସ୍ତ ଡାକ୍ତରମାନେ ସେମାନଙ୍କ କାର୍ଯ୍ୟକୁ ଫେରିଯାଆନ୍ତୁ... ଆମେ କିଛି ସାଧାରଣ ଆଦେଶ ପାସ୍ କରିବୁ। ଡାକ୍ତରମାନଙ୍କ ଉପରେ ପ୍ରତିକୂଳ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାକୁ ଆମେ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେବୁ। ଥରେ ସେମାନେ କାର୍ଯ୍ୟକୁ ଫେରିଗଲେ, ପୁନର୍ବାର ସବୁକିଛି ଠିକ୍ ଚାଲିବ। ଯଦି ସେମାନେ କାର୍ଯ୍ୟକୁ ନ ଫେରନ୍ତି, ତେବେ ସରକାରୀ ସ୍ୱାସ୍ଥ୍ୟ ସୁବିଧା ଢାଞ୍ଚା ଚାଲିବ କିପରି ଯଦି ଏହା ପରେ ଅସୁବିଧା ହୁଏ, ତେବେ ଆମ ପାଖକୁ ଆସନ୍ତୁ, କିନ୍ତୁ ପ୍ରଥମେ ସେମାନଙ୍କୁ ଡ୍ୟୁଟି ରିପୋର୍ଟ ଦିଅନ୍ତୁ ବୋଲି ସୁପ୍ରିମକୋର୍ଟର ତିନି ଜଣିଆ ଖଣ୍ଡପୀଠ କହିଛନ୍ତି। ଏହି ଶୁଣାଣି ସମୟରେ ମଧ୍ୟ ସର୍ବୋଚ୍ଚ ଅଦାଲତ ସରକାରୀ ଡାକ୍ତରଖାନାଗୁଡ଼ିକରେ ଥିବା ରେସିଡେଣ୍ଟ ଡାକ୍ତରଙ୍କ ଦୀର୍ଘ ସମୟ ଡ୍ୟୁଟି ଉପରେ ଗୁରୁତ୍ୱାରୋପ କରିଛନ୍ତି। ସୁପ୍ରିମକୋର୍ଟ କହିଛନ୍ତି, ସରକାରୀ ଡାକ୍ତରଖାନାଗୁଡିକରେ ଏକ ପୁରୁଣା ଢାଞ୍ଚା ରହିଛି ଏବଂ ଜୁନିୟର ଡାକ୍ତରମାନେ କେବଳ ଯେ ଯୌନ ଉତ୍ପୀଡନର ସମ୍ମୁଖୀନ ହେଉଛନ୍ତି ତାହା ନୁହେଁ, ସେମାନେ ମଧ୍ୟ ବିଭିନ୍ନ ପ୍ରକାର ହଇରାଣର ଶିକାର ହେଉଛନ୍ତି। ୪୮ କିମ୍ବା ୩୬ ଘଣ୍ଟା ଡ୍ୟୁଟି ଭଲ ନୁହେଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି।

# ମୁଁ ବି ହସ୍ପିଟାଲ ଚଟାଣ ଉପରେ ଶୋଇଥିଲି: ସିଜେଆଇ



ନୂଆଦିଲ୍ଲୀ : ମୋତେ ବି ଦିନେ ସରକାରୀ ହସ୍ପିଟାଲର ଚଟ୍ଟାଣ ଉପରେ ଶୋଇବାକୁ ପଡିଥିଲା। ମୋର ଜଣେ ସମ୍ପର୍କୀୟ ଅସୁସ୍ଥ ଥିଲେ।' କୋଲକାତା ଦୁଷ୍କର୍ମ ଓ ହତ୍ୟା ମାମଲାକୁ ନେଇ ସୁପ୍ରିମକୋର୍ଟରେ ଶୁଣାଣି ବେଳେ ଏଭଳି କିଛି କହିଛନ୍ତି ପ୍ରଧାନ ବିଚାରପତି ଜଷ୍ଟିସ ଡିଓ୍ୱାଇ ଚନ୍ଦ୍ରଚୂଡ଼। କୋଲକାତା ଦୁଷ୍କର୍ମ ଓ ହତ୍ୟା ମାମଲାକୁ ନେଇ ସୁପ୍ରିମକୋର୍ଟ ନିଜ ଆଡୁ ହସ୍ତକ୍ଷେପ କରିଛନ୍ତି। ସିବିଆଇ ଏହି ମାମଲରେ ସୁପ୍ରିମକୋର୍ଟ ଷ୍ଟାଟର୍ସ ରିପୋର୍ଟ ଦାଖଲ କରିଛି। ଏହାପରେ ପ୍ରଧାନ ବିଚାରପତି ଡିଓ୍ୱାଇ ଚନ୍ଦ୍ରଚୁଡ଼ଙ୍କ ନେତୃତ୍ୱରେ ଗଠିତ ତିନି ଜଣିଆ ଖଣ୍ଡପୀଠି ମାମଲାର ଶୁଣାଣି କରିଛନ୍ତି। ଏହି ସମୟରେ ସିଜେଆଇ ନିଜ ସହ ଜଡିତ ଏକ ଘଟଣା ବିଷୟରେ ଉଲ୍ଲେଖ କରିଛନ୍ତି। ସେ କହିଛନ୍ତି, 'ଆମେ ଡାକ୍ତରଙ୍କ ପାଇଁ ଚିନ୍ତିତ। ଆମେ ଡାକ୍ତରମାନଙ୍କୁ ୩୬ ଘଣ୍ଟା ଧରି କାମ କରୁଥିବା ଦେଖିଛୁ। ଆମ ସମସ୍ତଙ୍କ ପରିବାର ସଦସ୍ୟ ଓ ସମ୍ପର୍କୀୟ ଅଛନ୍ତି, ଯେଉଁମାନେ ସରକାରୀ ଡାକ୍ତରଖାନାକୁ ଯାଆନ୍ତି। ପରିବାରର କେହି ଜଣେ ଅସୁସ୍ଥ ଥିବାବେଳେ ମୁଁ ସରକାରୀ ଡାକ୍ତରଖାନାର ଚଟାଣରେ ଶୋଇଛି। ଆମେ ଏହି ପର୍ଯ୍ୟାୟ ଦେଇ ଗତି କରିଛୁ। ସରକାରୀ ହସ୍ପିଟାଲକୁ ଆସୁଥିବା ସମସ୍ତ ରୋଗୀଙ୍କ ପ୍ରତି ଆମର ସମ୍ବେଦନ। ଡକାକ୍ତରମାନେ ତୁରନ୍ତ କାମରେ ଯୋଗ ଦିଅନ୍ତୁ। ନଚେତ ରୋଗୀ ସେବା ଠପ୍ ହୋଇଯିବ ବୋଲି ସୁପ୍ରିମକୋର୍ଟ କହିଛନ୍ତି। AIIMS ନାଗପୁରର ରେସିଡାଣ୍ଟ ଡାକ୍ତରମାନେ ସୁପ୍ରିମକୋର୍ଟଙ୍କୁ କହିଛନ୍ତି ଯେ କୋଲକାତା ଦୁଷ୍କର୍ମ-ହତ୍ୟା ମାମଲାକୁ ବିରୋଧ କରି ସେମାନଙ୍କୁ ପ୍ରତାଡିତ କରାଯାଉଛି। ଏହାର ଉତ୍ତରରେ ସର୍ବୋଚ୍ଚ ଅଦାଲତ ବିରୋଧ ପ୍ରଦର୍ଶନ କରୁଥିବା ଡାକ୍ତରଙ୍କୁ ପ୍ରଥମେ କାମକୁ ଫେରିବାକୁ କହିଛନ୍ତି।






# ଧର୍ମେନ୍ଦ୍ର ପ୍ରଧାନଙ୍କୁ ହାଇକୋର୍ଟଙ୍କ ନୋଟିସ୍

କଟକ, : ସମ୍ବଲପୁର ଲୋକସଭା ନିର୍ବାଚନ ଅନିୟମିତତା ଅଭିଯୋଗ ମାମଲାରେ ସମ୍ବଲପୁର ସାଂସଦ ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ହାଇକୋର୍ଟ ନୋଟିସ୍ ଜାରି କରିଛନ୍ତି।



ସ୍ୱାଧୀନ ପ୍ରାର୍ଥୀ ସୁବାସ ମହାପାତ୍ରଙ୍କ ଆବେଦନ ଆଧାରରେ ଏହି ନୋଟିସ୍ ହୋଇଛି। ଧର୍ମେନ୍ଦ୍ର ପ୍ରଧାନଙ୍କ ବିରୋଧରେ ତ୍ରୁଟିପୂର୍ଣ୍ଣ ନାମାଙ୍କନ ଦାଖଲ ଓ ଅଫିସ୍ ଅଫ୍ ପ୍ରଫିଟ ଅଭିଯୋଗ ଆଣିଛନ୍ତି ସୁବାସ।


## TARIFF

| | | |
|---|---|---|
| Full Page | Colour | -15000 |
| Full Page | B/W | - 10000 |
| Half Page | Colour | -10000 |
| Half Page | B/W | - 6000 |
| Quarter Page | Colour | - 5000 |
| Quarter Page | B/W | - 3000 |

**CONTACT**

6371417361 voiceofvictimsnews@gmail.com
www.voiceofvictims.co.in
Follow/Like/Subscribe :
Voice Of Victims News


Printed by **Gyana Ranjan Mishra** and published by **Gyana Ranjan Mishra** on behalf of Voice Of Victims Trust and Printed at M/S Bhagawati Electronic Process,D-3, Mancheswar Industrial Estate, Bhubaneswar,Khurda, Odisha, Pin- 751010 and Published at EB-24, Stage-V, Laxmisagar Brit colony, Bhubaneswar, Khurda, Odisha, Pin-751006
**Editor: Gyana Ranjan Mishra**
ସମ୍ପାଦକ: ଜ୍ଞାନ ରଞ୍ଜନ ମିଶ୍ର